ନବ ଜାତକ

ଶ୍ରୀ. ଗଡ଼ନାୟକ

Digitized by srujan ka@gmail.com

ନବ ଜାତକ

ରାଧାମୋହନ ଗଡ଼ନାୟକ ।

Digitized by srujan ka@gmail.com

ପ୍ରକାଶକ
ଓଡ଼ିଶା ବୁକ୍ ଏମ୍ପୋରିଅମ
କଟକ

ପ୍ରଥମ ପ୍ରକାଶ
ଏକ ହଜାର
୧୯୪୭

ଆଠଅଣା

ମୁଦ୍ରାକର
ଶ୍ରୀ ବନମାଳୀ ମିଶ୍ର
ନବ ଭାରତ
କଟକ

Digitized by srujan ka@gmail.com

ସୂଚୀ

ବିଷୟ	ପୃଷ୍ଠା
୧ । ଅଦ୍ଭୁତ ସେ ମାନବ-ପଦେ	୧
୨ । ସତୀ ଚଉରା	୩
୩ । ସ୍ୱାଗତ ହେ ଶତ୍ରୁଙ୍କ୍ କୈଶୋର	୭
୪ । ଜନ୍ମଥର ଫୁଲ	୯
୫ । କାହିଁପାଇଁ ଏତେ ଭେଦ	୧୧
୬ । ଧୂଳିଆ ବାବା	୧୨
୭ । କୃଷ୍ଣପକ୍ଷ ଓ ଶୁକ୍ଳପକ୍ଷ	୧୫
୮ । କୌମୁଦୀର ଅବଦାନ	୧୭
୯ । ଜଟନିସ୍—ସେ ତ ମରନାହିଁ	୨୧
୧୦ । ଘାସଫୁଲ	୨୪
୧୧ । ଅଦ୍ୟୁତ	୨୬
୧୨ । କୃଷ୍ଣଚନ୍ଦ୍ର ଭଞ୍ଜ	୨୭
୧୩ । ବ୍ୟଥିତର ଗୀତ	୩୧
୧୪ । ଗୋପବନ୍ଧୁ ହେ, ଚଞ୍ଚଳ ଆସ ଫେରି ।	୩୩
୧୫ । ହିନ୍ଦୁ ମୁସଲମାନ	୩୪
୧୬ । ନବଜ୍ଜ୍ୱଳ	୪୦
୧୭ । ଶରତ-ନଈ-କୂଳେ	୪୬
୧୮ । ସୃଷ୍ଟିର ଅପମାନ	୪୯
୧୯ । ପତାକା ସଙ୍ଗୀତ	୫୫

Digitized by srujan ka@gmail.com

ଅଦ୍ଭୁତ ସେ ମାନବ ପଦେ

୧

କମାଣ ଗୋଳା ସମ୍ମୁଖରେ
ଛାତିର ହାଡ଼ ବଜ୍ର କରି ।
ଅହିଂସାର ଯୁଦ୍ଧ ରଣ
ଜିତିଲା ଯିଏ ହିଂସ୍ର ଅରି ।
ସ୍ୱାଧୀନ କଲା ବିଶାଳ ଦେଶ
ମୁକ୍ତ କଲା ବିଶ୍ୱ ଜାତି
ଅଦ୍ଭୁତ ସେ ମାନବ ପଦେ
ଅର୍ଘ୍ୟ ମୋର ଥାଳ ରେ ସାଥି ।

୨

ସର୍ପ ଯେବେ ଦର୍ପ ଭରେ
ଦଂଶିବାକୁ ଆସିଲା ଧାଇଁ
ବାହୁରେ ତାକୁ ନେଲା ସେ ତୋଳି
ଡରିଲା ନାହିଁ, ଥରିଲା ନାହିଁ ।
ଶମ୍ଭୁ ସମ ବୁକୁରେ ଧରି
କରିଲା ସାଥି, କରିଲା ଜ୍ଞାତି,
ଅଦ୍ଭୁତ ସେ ମାନବ ପଦେ
ଅର୍ଘ୍ୟ ମୋର ଥାଳ ରେ ସାଥି

Digitized by srujan ka@gmail.com

୩

ଭସ୍ମୀଭୂତ ପ୍ରାଣର ଜ୍ୱାଳା
ମର୍ତ୍ତେ ଘେନି ଯେ ଭଗୀରଥ
ସ୍ୱର୍ଗ ପଥୁ ଆଣିଲା ବାନ୍ଧି
ଗଙ୍ଗାଧାରା ମୁକ୍ତି ପଥ ।
ଶମଶାନର ଭସ୍ମ ପରେ
ଖେଳାଇ ଦେଲା ଜୀବନ ସ୍ରୋତ,
ଅଦ୍ଭୁତ ସେ ମାନବ ପଦେ
ଅର୍ଘ୍ୟ ତୋର ଢାଳ ରେ ସାଥି !

୪

ଭାରତ ପଥେ ଚରଣ ଧୂଳି
ନସ୍ତାରିଲା ଭାରତେ ଆଜ
ପୁଣ୍ୟ ପାଦ ପରଶ ଦେଇ
ପାଷାଣେ ଯଥା ରାଘବ-ରାଜ ।
ପୁଣି ସେ ରାମ ରାଜ୍ୟ ଆଣି
ଭାଙ୍ଗିଲା ଘୋର ତିମିର ରାତି
ଅଦ୍ଭୁତ ସେ ମାନବ ପଦେ
ଅର୍ଘ୍ୟ ତୋର ଢାଳ ରେ ସାଥି ।

Digitized by srujan ka@gmail.com

ସତୀଚଉରା

୧

ଜାଣେ ନାହିଁ ମୁଁ ତ   ହେ ସତୀଚଉରା
କେବେ କେଉଁ ସତୀ ନାରୀ
ପତି ଚିତାନଳେ   ନିଜାହୁର ଜ୍ୱାଲରେ
ତନ ଦେଇଥିଲା ଜାଳି ।

ଜଳି ଯାଇଥିଲା   ଚନ୍ଦନ ମୂଳର
ସଞ୍ଜ- ବତୀଟି ପରି,
ପୁଲକ ଖଣ୍ଡ   କେତୋଟି ଦଣ୍ଡ
ଥିଲା ଉଜ୍ଜ୍ୱଳ କରି ।

ଜାଣିବାର ଅବା   ଇଚ୍ଛା କାହିଁ ତ
ଜାଗୁନାହିଁ ମୋର ମନେ
ତୃପ୍ତ ମୋହର   କଳ୍ପନା, ଯାହା
ଦେଖୁଅଛି ମୋ ନୟନେ ।

ବୁଝିଛି ମୁଁ ଏକ   ହେ ସତୀଚଉରା,
ନୋହୁଁ ରେ ମଶାଣି ଭୂଇଁ
ଉତ୍କଳ ବୁକେ   ପୁଣ୍ୟ ପ୍ରଭାସ
ବାଣୀର ତୀର୍ଥ ଭୂଇଁ ।

Digitized by srujan ka@gmail.com

୨

ସ୍ମୃତି-କଣ ରାଧାନାଥ ଆଜ
ଉତ୍କଳ ତୋହର କୋଳେ
ଶୈଳ ବନାନୀ ତଟିନୀର ଶିଖ
ଦେଖୁଣ ଶରଧା ଝେଲେ ।

ଭକ୍ତ-ପରାଣ ମଧୁସୂଦନ ହେ
ଗୁରୁ-ପାଦ-ପାଶେ ବସି
ମୌନ ଧିଆନେ ବ୍ରହ୍ମଚିଆନେ
ନୀରବେ ଯାଇଛି ରସି ।

ଜୀବନ-ଦଙ୍ଗ — ମଞ୍ଚ ଉରସେ
ଯବନିକା ଟାଣି ଦେଇ
ନାଟ୍ୟ ରସିକ ରାମ ଶଙ୍କର
ଶୋଇ ଛ ପଡ଼ଛି ଏଇ

ପଦ୍ମ-ପ୍ରକାଶ ମୃତ୍ୟୁଞ୍ଜୟ
ରତ୍ନ ଖୋଜୁଛି ସୁଖେ
ସଜଳ ନୟନେ ଥରେ ଥରେ ଚୁହିଁ
ନରାଙ୍କ ପାହାଡ଼-ମୁକେଶ,

ପକ୍ଷୀ-ବିହେର ନନ୍ଦକିଶୋର
ଗାଢ଼ କୁସୁପୁର ମାୟା
କାଠଯୋଡ଼ୀ ନଦୀ— ସିକତା ପୁଲିନେ
ଅଛିଚି ତୋର କାୟା ।

Digitized by srujan ka@gmail.com

ପ୍ରଗତ ପଥର ତରୁଣ ପଥିକ
ପ୍ରବୀଣ ବିଶ୍ୱନାଥ
ସାହିତ୍ୟ ଶିଳ୍ପୀ ସୃଷ୍ଟିର ଅଶେଷ
ଭରଣି ଜୀବନ ପାତ ।

ମାତୃଭାଷାର ଗୌରବ ଦାତା
କଥା-କାବ୍ୟ ପ୍ରହସଙ୍କ,
ତୋର ବୁକେ ବସି ଜୀବନର ପଥେ
ଆଙ୍କୁରେ ଗୁମ୍ଫିତ ଅଙ୍କ ।

ଏତେ ଏତେ କଥା କୋଣଦର ପୁଷ୍ପ
ବହୁଅଛୁ ତୋର ପଥେ
କପର୍ କହିବ ଶମଶାନ ବୋଲି ?
ହେ ସଙ୍ଗୀତଜ୍ଞ ତଟେ ।

ଗ

କୁକ୍ଷ ତୋହର ବକ୍ଷ ବିଛାଣେ
ସଞ୍ଚିତ ବହୁ ଧନ
ଲକ୍ଷ ସପନ ଲକ୍ଷ ମନନ
ବହୁତ ମହତ୍ ମନ

Digitized by srujan ka@gmail.com

ଅଶିର ଝଙ୍କାରେ ସୁପ୍ତ ବହ୍ନିର
ଆତ୍ମା ଭଦ୍ରର ଝଳ,
ଦିବସ ଗଗନେ ଗୁପ୍ତ ଯେସନେ
ଦୀପ୍ତ ତାରକା ବଳି ।

ମୃତ୍ୟୁର ପଥ ହେ ଝଣ୍ଟୀଚଢ଼ର
ଦୀଅ ପୁଞ୍ଜିତ ଭାବ,
ମୃତ୍ୟୁରେ ଜାଣି ଏ ମୋର ଜୀବନେ
ଜୀବନ କରିବ ଲାଭ ।

Digitized by srujan ka@gmail.com

ସ୍ୱାଗତ ହେ ଚିୟାଙ୍ଗ୍ କୈଶେକ

ସ୍ୱାଗତ ହେ, ଚିୟାଙ୍ଗ୍ କୈଶେକ,
ଘେନ ଆଜ ଅମର ଏ ପ୍ରାଣ-ଭରା ପ୍ରୀତି ଅଭିଷେକ ।

ତୁମର ଆମର ମୈତ୍ରୀ ଆଜ ନୁହେ ଯୁଗ ଯୁଗ ଧରି
ପ୍ରାଣେ ପ୍ରାଣେ ବନ୍ଧା ଅଛୁ ଭରି ।
ଆମ ବୁଦ୍ଧ ଯେଉଁ ବାଣୀ କେଉଁ ଦୂର ଶତାବ୍ଦୀର ତଳେ
ଢାଳିଥିଲେ ଅନ୍ତରେ ଅନ୍ତରେ ।
ଘେନ ତାହା ତୁମେ
ତବ ଶତ ଭୂମେ
ପବିତ୍ର ରଖିଚ ତାହା ଶିଳା ଚୈତ୍ୟ ସ୍ତୂପେ
କେତେ କେତେ ରୂପେ ।
ମହାଭିକ୍ଷୁ ରାଜେଶ୍ୱର ଶ୍ରୀହର୍ଷ ଅଶୋକ
ଲଭି ପ୍ରେମାଲୋକ,
ରଚିଥିଲେ ହୃଦୟ-ନନ୍ଦନ
ପ୍ରେମର ବନ୍ଧନ,
ତୁମର ସମ୍ରାଟ ସବୁ
ବରିଥିଲେ ପ୍ରାଣ-ବଜମୟ ।

Digitized by srujan ka@gmail.com

ଆମର ଏ ଜନ୍ମଭୂମେ ଯୁଗ ଯୁଗ ଆଲୋକର ଜନ୍ମଭୂମି ଏଣି
ତୁମର ଧରଣୀ
ପଠାଇଛୁ ଆପଣା ସନ୍ତାନେ
ନିତ୍ୟ ନବ ଆଲୋକ ସନ୍ଧାନେ ।
ହୁଏନଂ ସାଂ ଆସିଥିଲେ ଫାହୁୟାନ ଆସିଥିଲେ ଏଠେ
ଆସିଥିଲେ କେତେ ।
କେତେ ଯେ ଅତିଥି ପୁଣି କେତେ ଅନ୍ତେବାସୀ
ନାଳନ୍ଦାର ବିଦ୍ୟାପୀଠେ ଆସି
ଲଭିଥିଲେ ଜ୍ଞାନ
ଜୀବନର ଚରମ ସମ୍ମାନ ।
ଆଜି ତୁମେ ଆସିଅଛ ଚାଇନାର ଭାଗ୍ୟ ନିୟାମକ
ତୁମର ଅର୍ଚ୍ଚନେ ଆଜି ମିଳନର ଶଙ୍ଖ
ବାଜେ—ବାଜିଉଠୁ ଏ ଭାରତମୟ
ଜୟ ଭାରତର ଜୟ, ଚାଇନାର ଜୟ ।

ସ୍ୱାଗତ ହେ ଶମ୍ୟାଙ୍ଗ୍ କୈଶେକ
ଷନ ଆଜି ଆମର ଏ ପ୍ରାଣ-ଭରା ପ୍ରୀତି-ଅଭିଷେକ ।

Digitized by srujan ka@gmail.com

ହେମ—ଗୌର ତନୁଟି ଢଳ ଢଳ
ଉଷା—ଶିଶିର ସ୍ନାହାନେ ଛଳ ଛଳ
ତାର ହୃଦୟେ ଅଙ୍କିତ ଅଭିଳାଷ !
ଜନ୍ମ ଦେଉଳ ଦୁଆରେ ବାରମାସ ।

ଖର ବଇଶାଖ-ତାପେ ସିଝି ସିଝି
ଝର ଝର ବରଷାରେ ଭିଜି ଭିଜି
ଭର ମାଘମାସ ଶୀତେ ଥରି ଥରି
ଶିଏ ସବୁଦିନେ ଜଗି ସେବ ସଦା

ତାର ବୁକୁର ବ୍ୟାକୁଳ ବେଦନାରେ
ତାର ଅନ୍ତର ଭରା ସାଧନାରେ
ମୁହଁ ମୁଗ୍ଧ କିଶୋର ଦୀନ ଭକ୍ତ
ନିତି ନିରେଖଇ ତାର ଦୀନ ଛବି ।

Digitized by srujan ka@gmail.com

ଅଜ ମନ୍ଦର ପଥ ନଗ୍ନଟିଆ,
ମୁଁ ତ ଯାଉଥିଲି ଏକା ଏକାଟିଆ
ହେମ ଉଷାର କିରଣ ରୂପସ୍ୱରେ
ହସ ଭଙ୍ଗି ତ ଦେଲା ମୋର ଅଗେ।

ତେବେ ଅଧୀର ସମୀର ସରବାହେ
ଉଠେ "ସତ୍ୟ ସୁନ୍ଦର ଶିବ ଅହେ"।
ତାର ମରମ ବାସନା ହୃଦବାଣୀ
ଏବେ ଏତେ ଦନେ ପାରିଲି ମୁଁ ଜାଣି।

ଘା[illegible] ଜୀ[illegible]ରେ ନାହିଁ ସଞ୍ଚରଣ
ଭା[illegible] ନାହିଁ ଗଞ୍ଜରଣ।
[illegible] ସ୍ତ ମାସ ଧରି
ସିଂ[illegible] ଉଷ୍ମ ସେଇପରି।

Digitized by srujan ka@gmail.com

କାହିଁ ପାଇଁ ଏତେ ଭେଦ ?

କାହିଁ ପାଇଁ ଏତେ ଭେଦ ହେ ଦେବତା
କାହିଁ ପାଇଁ ଏତେ ଭେଦ
ଭ୍ରାନ୍ତ ମାନବ ବୁଝି ପାରୁନାହିଁ
ସହଜ ତୁମର ବେଦ ।

ସନ୍ଧ୍ୟା ଲଗନେ ତୁମର ଧିଆନେ ବସି
ହିନ୍ଦୁ ପୂଜଇ ମନ୍ଦିର କୋଳେ ବସି;
ବୌଦ୍ଧ ମାଗଇ ଚରଣେ ତୁମର
ହିଂସାର ଉଚ୍ଛେଦ ।

ଚରଚେ ପ୍ରେମର ସଙ୍ଗୀତ ଗାଇ
ଅରଚେ ଖ୍ରୀଷ୍ଟିୟାନ୍
ମସ୍‌ଜିଦ୍ କୋଳେ ଗମ୍ଭୀର ସ୍ୱରେ
ଡାକଇ ମୁସଲମାନ୍ ।

କାହାର ପୂଜା କି ଅଧିକ ତୁମର ପ୍ରିୟ ?
କାହାର ପୂଜା କି ଉତ୍ତମ କମନୀୟ ?
ଧର୍ମର ନାମେ କାହିଁ ପାଇଁ ତେବେ
ପଡ଼ଇ ରକ୍ତ ମେଦ ?

Digitized by srujan ka@gmail.com

ଧୂଳିଆ ବାବା

୧

ଧୂଳିଆ ବାବା ରେ ଧୂଳିଆ ବାବା
ବଦନରେ ତୋର ଉଜଳ ଆଭା ।
ଦିଗମ୍ବର ତୁ ବାଇଆ ଭୋଳା
ଦେହରେ ଧୂଳିର ବିଭୂତି ବୋଳା ।
ଗ୍ରାମ ଦାଣ୍ଡରେ ଧୂଳିରେ ବସି
ଧୂଳି-ଖେଳରେ ତୁ ଯାଉଛ ରସି ।
ଗଢ଼ି ଦେଉ ତୋର ଧୂଳିର ପୁର
ଧୂଳି ଉଦ୍ୟାନ ଧୂଳିର ଫୁଲ ।
କୁଣ୍ଡରେ ତୋହର ଧୂଳିର ଧାନ
ବାଢ଼ୁ ତୋ ଧୂଳିର ଅନ୍ନ ପାନ ।
ଧୂଳିଠାରୁ ଭଲ ପାଉଛୁ କିସ
ଧୂଳିରେ ଭୁଲୁଚୁ ଅହର୍ନିଶ ?

୨

ପଙ୍କେ ପଦୁଅଁ ଫୁଟଇ ଜଳରେ
ଧୂଳିଆ ବାବା ତୁ ଫୁଟୁ ଧୂଳିରେ ।

Digitized by srujan ka@gmail.com

କ୍ଷୁଦ୍ର ତୋହର ଗୋଗ୍ର ବଦନ
ଧଣର କେଉଁକ ଢୋଗ୍ର ଶୋଭନ ।
ଗୋଲାପ ବରଣ ଲଲାଟ ଓଠେ
ଅଲପ ହସର ଲହରୀ ଖେଳୁଛି ।
ସୁନୀଳ ମେଦୁର ଯୁଗଳ ଆଖି
ଗୁପତ ହୃଦର ନୀରବ ସାକ୍ଷୀ
ବାହାରେ ଦଶୁରୁ କି ସୁନ୍ଦର
ଭିତରେ ନିଷ୍ଟେ ସୁନିର୍ମଳ ।
ନୋହିଲେ କପଟ ଟୂଳିରେ ଗଢ଼
ଦଶୁଥାନ୍ତୁ ଢୋସ ପଦୁଅଁ କଢ଼ି ।

୩

ଧୂଳିଆ ବାବା ରେ ଧୂଳିଆ ବାବା
ଜୀବନରେ ତୋର ଅମର ଆସ୍ଥା ।
ଅନ୍ତରେ ତୋର ଅସିତ ଦେହଜ,
ଏଇ ଧୂଳି ହେବ ସମାଧି-ଶେଯ ।
ଏଇ ଦେହ ତୋର ସମାଧି-ଧନ
ଧୂଳି ଭୁଲେ ମିଶି ହୋଇବ ଲୀନ ।
ତେଣୁ ପିନା ତୋର ଧୂଳିରେ ପ୍ରୀତି
ଧୂଳିଆ ଧୂସର ହେଉଛୁ ନିତି ।
ତେଣୁ ପିନା ତୁହ ପରାଣ ଭରି
ଧୂଳି ପୂଜା କରୁ ଭକତ ପରି ।
ଧୂଳିରେ ଲୋଟୁଚୁ ନିର୍ବିକାର
ଧୂଳିକି ମଣୁଚୁ ସତ୍ୟ ସାର ।

Digitized by srujan ka@gmail.com

୬

ଧୂଳିଆ ବାବାରେ ପ୍ରବୀଣ ତୁ ତ
ନୋହୁ ଅଜ୍ଞାନ ନୋହୁ ବାତୁଳ ।
ଶୁକ୍ଳ କେଶରେ ଶୋହେ ଯା ଶିର
ସେ ନୁହେ ବୃଦ୍ଧ ନୁହେ ଥବିର ।
ହୃଦେ ଯାର ଭରି ପରମ ଜ୍ଞାନ
ସେ ଏକା ବୃଦ୍ଧ ଗୁରୁ ସମାନ ।
ଶିଶୁ ହୋଇ ତୁତ ଜଗତ ଗୁରୁ
ଧୂଳିବାଦ ଘୋଷୁ ଧୂଳିର ପୁରୁଁ ।
ହୃଦର ଅଜଣା ଗୁପତ ଜ୍ଞାନ
ଦଗେଇଁ ଭାଷାରେ କରୁଚୁ ଗାନ ।
"ସାରା ବିଶ୍ୱର ଧୂଳିରେ ଲୟ
ଧୂଳିର ଜୟରେ ଧୂଳିର ଜୟ ।"

କୃଷ୍ଣପକ୍ଷ ଓ ଶୁକ୍ଳପକ୍ଷ

କୃଷ୍ଣପକ୍ଷ ଚନ୍ଦ୍ରଇ ବିଷାଦେ
ଶୁକ୍ଳପକ୍ଷେ ଗୃହୀଁ
"ଈଶ୍ୱର ଏତେ ନିର୍ବିକାରତା
ଦେଖୁଛୁ ତ ଆରେ ଭାଇ ।

ଜୀବନେ ତୋହର ଯେତିକି ଆଲୋକ
ଜଗତେ କରୁଚୁ ଦାନ
ସେତିକି ଆଲୋକ ଦେଉଅଛୁ ମୁହିଁ
ନୁହଇ ତ ତାହା ଆନ

ତୁହ କର୍ଣ୍ଣ ତାର ପ୍ରିୟ ଆଦୃତ
ଅନାଦୃତ ମୁଁ ସତେ
ଶୁକ୍ଳ ବୋଲି ସେ ଭାବଇ ଚିତ୍ତରେ
କୃଷ୍ଣ କହଇ ମତେ ।"

Digitized by srujan ka@gmail.com

ଶୁକ୍ଳପକ୍ଷ ବଢ଼ଇ ସଦାସେ
କୃଷ୍ଣପକ୍ଷେ ଟେଣୁ,
“ବୃଥା ତୁ ବାଦ୍ଧିଁବ ନିନ୍ଦୁ ଜଗତେ
ନାହିଁ ତାର ଦୋଷ ବେଣୁ ।

ଅନ୍ଧାର ସେନା ନିତ ନିତ ମୁହଁ
ଶୁଭ୍ର ଅଲୋକ ସଙ୍ଗେ
ଶୁଭ୍ର ଆଲୋକି- ଙ୍କ ଦେହେ ନେନ
ଅନ୍ଧାର କରୁଛୁ ସେ ।

ଭାବି ଥରେ ଦେଖି ଆପଣାର ଦୋଷ
ନାହିଁ ଏଥି ଅବସ୍ତୁର
ଆପଣା ଭିତରେ ରୁହିଁ ଦେଖି ଏବେ
ସବୁ ଦୋଷ ଆପଣାର ।”

Digitized by srujan ka@gmail.com

କୌମୁଦୀର ଅବଦାନ

"ସ୍ୱଦେଶ ମାତୃଭୂମି ମୋର ମାଡ଼ିଜାଉଛ ପାଦେ",
ବଡ଼ଗଡ଼-ପ୍ରାନ୍ତ ମଞ୍ଚେ ବାପୁଜୀ ଉଚ୍ଛ୍ୱାସେ
ସମ୍ଭାଷିଲେ, "ହରିଜନ, ତୁମେ ସବୁ ଜାଣ
ଆମର ଏ ଦେଶେ ପାଏ କେତେ ଅପମାନ,
ଆଜି ସେଇ ଅପମାନ ଘୁଞ୍ଚିବାର ଲଗି
ମହାଭିକ୍ଷୁ ବୁଲେ ମୁଁ ଯେ ଭିକ୍ଷା ମାଗି ମାଗି ।
ମୋର ଆବେଦନ ଏତେ ସ୍ୱର୍ଣ୍ଣ ଅଳଂକାର
ବହୁଅଛ ଆପଣାର ଅଙ୍ଗ କରି ଭାର;
ତୁମେ କିଛି କିଛି ତହୁଁ କର ଆଜି ଦାନ
ଜଗତର ଆଗେ ରଖ ସ୍ୱଜାତିର ମାନ ।"

ସରେ-ସରେ ମଞ୍ଚ ପରେ କଳ-କୋଳାହଳେ
ଠୁଳ ହୋଇଗଲା ଦାନ ଗାନ୍ଧି-ପଦତଳେ ।

Digitized by srujan ka@gmail.com

କେ ଦେଲା ନାସାର ମୋତି, କେହୁ କର୍ଣ୍ଣପୂର
କେ ଦେଲା ବଳୟ ଅବା କେ ଦେଲା କେୟୁର,
କେ ଦେଲା କଣ୍ଠର ସ୍ୱର୍ଣ୍ଣମାଳା,

ମାଗି ଦେଶ,

କୌମୁଦୀ ପରି, ମାଳଦାସ କୁମାରିକା ଏକ
ଅଙ୍ଗୁ ତା'ର ଖୋଲି ଦେଲା ସକଳ ଭୂଷଣ,
ହସ୍ତୁ ଦେଲା ଦୁଇଟି ଯା କନକ-କଙ୍କଣ
କଣ୍ଠୁ ତହୁଁ ଫିଟାଇ ତା ଜମ୍ବୁନଦ-ହାର
କୁନ୍ତଳେ ଖୋଲି ଦେଲା ପୂଜା ଉପହାର,
ସବିସ୍ମୟେ ଜିଜ୍ଞାସିଲେ ତହୁଁ ମହାତ୍ମାଜି,
"ତୁମର ଏ ଦାନେ ତୁମ ପିତା ମାତା ରାଜି ?"
ଉତ୍ତର ସେ ଦେଲା ନାହିଁ, ଅଧୁର ଦାନ ସେ
ହସି ଦେଲା ଉତ୍କଣ୍ଠିତ ନରପୁଞ୍ଜ ମାନସେ,
କର୍ଣ୍ଣୁ ତାର ଦେଲା ପୁଣି ସ୍ୱର୍ଣ୍ଣ ଅବତଂସ
ଅଧର ନୟନ ତାର ଯାଉ ହସ ହସ
ନବ ରାଗେ ।

ପଚାରିଲେ ପୁଣି ମହାତ୍ମାଜି,

"ତୁମର ଏ ଦାନେ ତୁମ ପିତା ମାତା ରାଜି ?"
ମଣ୍ଡିତ କରମେ ମୋର ଅଳଙ୍କାରମାନ
ଅନାବିଲ ମନେ ମୁଁ ତ କରୁଅଛି ଦାନ
ମହାତ୍ମା ଚରଣେ ତଳେ, ତେବେ କାହିଁ ପାଇଁ
ଏଥି ମୋର ପିତା ମାତା ରାଜି ହେବେ ନାହିଁ ?"

Digitized by srujan ka@gmail.com

ବାଳିକାର ଅବଦାନ, ବାଳିକାର କଥା
ସଚକ୍ଷୁରେ ଦେଖିଥିଲା ବିପୁଳ ଜନତା ।

ଧୀରେ—ଅତି ଧୀରେ ପୁଣି ପୁଛିଲେ ବାପୁଜୀ
"କଲ୍ୟାଣୀ ଗୋ, ଏଥି ସବୁ ପାଉଛ ତ ତୃପ୍ତି ?
ଦେଖୁଛ ଏ ଅଳଙ୍କାର ଏ ଯେ ଆଭରଣ
ଆଉ ତ ପିନ୍ଧିବା ଲାଗି ନ ବଳିବ ମନ
ସୁଦୀର୍ଘ ଏ ଜୀବନେ ତୁମର ?"

"ମହାତ୍ମନ୍,
ସଫଳ ପାଉଛି ତୃପ୍ତି ଏ ମୋହର ମନ,
ସ୍ୱର୍ଣ୍ଣ ରୌପ୍ୟ ଅଳଙ୍କାର ଅଙ୍ଗ-ଆଭରଣ
ନୁହଇ ନାରୀର କେବେ ଏକାନ୍ତ ଭୂଷଣ ।
ସୁନ୍ଦର ସଦ୍‌ଗୁଣ ସଙ୍ଗେ ହୃଦୟ-ରଞ୍ଜନ
ତାର ଅମଳିନ ତାହା କରିବ ଅର୍ଜନ ।
ଆଶୀର୍ବାଦ କର ମତେ ନ ଲୋଡ଼ିବି ଆନ
ଅଳଙ୍କାର ।"

ବାଳିକାର ହୃଦୟେ ସେ ଧନ
ଦେଖି ପାରିଲେ ସେ ଏକ ଅପାର୍ଥିବ ବଳ
ନବସ୍ୱର, ଶୁଭ୍ର ଦ୍ୟୁତିର ନବ ମୁକ୍ତାଫଳ ।

Digitized by srujan ka@gmail.com

"ଅବଦାନି, ଅଶୀର୍ବାଦ ଘେନ ମୋର ଆଜ,"
ଆନନ୍ଦ-ଗଦ୍‌ଗଦ କଣ୍ଠେ ଗାନ୍ଧୀ ମହାତ୍ମାଙ୍କ
ଜଣାଇଲେ "ତୁମେ ଯେଉଁ ଅଲଙ୍କାରମାନ
ହରିଜନ-ଉନ୍ନୟନେ ଢାଳି ଦେଲ ଦାନ
ମୋର କରେ, ମୂଲ୍ୟ ତାର ଜାଣିବି ମୁଁ ସିନା,
ମାତ୍ର ଯେଉଁ ଅବଦାନ ଆଗୋ ଅର୍ବାଚୀନା
ଏ ତରୁଣୀ ବୟସ ପରେ ଗଲ ତୁମେ କରି
ମୂଲ୍ୟ ତାର ଆଜି ମୁଁ ତ ନ ପାରିବି କଳି ।"

Digitized by srujan ka@gmail.com

କେନେଡି—ସେ ତ ମରିନାହିଁ

ସୁନ୍ଦର ଗୃହିଣୀ ସମସ୍ତଙ୍କୁ
କେନେଡି ଆଉ ଫେରି ନାହିଁ,
କିଏ ସେ କହୁଛି ମରିଗଲା ବୋଲି
ମୁଁ କହୁଛି ସେ ତ ମରିନାହିଁ ।

ଭାରତର ନୁହେଁ ଗୃହିଣୀର ନୁହେଁ
ଆଜି ସେ ତ ସାରା ଭୁବନର,
ଅସ୍ତମିତ ସେ ଦୀପ୍ତ ତାରକା
ନିଖିଳ ହୃଦୟ ଗଗନର ।

କିପରି ମରିବ ?
ମରିନାହିଁ ସେ ତ ମରିନାହିଁ
କିଏ ସେ କହୁଛି ମରିଗଲା ବୋଲି
ସେ କହୁଛି ସେ ତ ଅପରାଧୀ ।

Digitized by srujan ka@gmail.com

ଗୁଲନାର ବୁଟେ — ଜାପାନର ଦେଖି
ଧ୍ୱଂସା ସମର ଲୀଳା।
ଭାରତ ଆମର — ସମବେଦନାର
ସେବିକା ପଠାଇ ଥିଲା ।

ବଟେଷ୍ଟ ନ ହେଉ — ଧ୍ୱଂସ ବାସନା
ଅସ୍ତ୍ର ନ ହେଉ ଭବେ
ମଣିଷ ସେବାର — ଦୈନ୍ୟ ସାଧନା
ହେଉଥିଲା ଅନ୍ତରେ ।

ସେ ଦଳର ଏକ — ଯୋଦ୍ଧା ଥିଲା ସେ
ତ୍ୟାଗର ଦୀକ୍ଷା ବର
ଗୁଲନାର ବୁକେ — ଯାଇଥିଲା ଢାଳ
ଦୀପ୍ତ ଜୀବନ ଧର ।

ଜମାଣ ଜାଲଇ — ମଣିଷ ଜୀବନ
ଗୁଳି ଯେଉଁଠାରେ ଧାଏଗ
ମଣିଷର ସେବା — କରୁଥିଲା ସିଏ
କରିଲା ସେ ଭୂଇଁ ଭାଗେ ।

ଗୃହେଁ ଗୃହେଁ ସିଏ — ଅପରିଚିତରେ
କରିଅଛୁ ଅପଣାର
ସମବେଦନାରେ — ଢାଳି ଦେଇଅଛୁ
ନୟନର ଲୁହଧାର ।

Digitized by srujan ka@gmail.com

ଧୋଇ ଅଛୁ ସେଇ   ନୟନର ଲୁହେ
କେତେ ଅଜ୍ଞାତର ଲକ୍ଷ,
ଅଜ୍ଞାତ ଜନର   ଦୁଃଖ ମୋଚନେ
ଆଘାତ ସହିଛି ବକ୍ଷ ।

ନିଃଶେଷ ଭୟ   ନିଦାରୁଣ ଶିକୁଳ
ପରଶାଇଁ
କିଏ ସେ କହୁଛି   ମରିଗଲା ବୋଲି
ମୁଁ କହୁଛି ସେ ତ ମରିନାହିଁ ।

ସ୍ୱପନା ଭୂମିରେ   ଉଚ୍ଛଳ ଢାଳିଛି
ଶସ୍ୟର ଦେଇଛି ଡାଳି,
ସାରା ଦେଶଟାରେ   ତ୍ୟାଗର ଶିଖ ସେ
ଦେଇଛି ତପ୍ତ କରି ।

ସ୍ୱପନା ଦେଶର   ଝଙ୍କାର ଝଙ୍କାର
ହୃଦ ଆବରଣ ଚିର
ଭବ ଦେଇଅଛି   ଧୈର୍ଯ୍ୟ ସାଧନା
ତ୍ୟାଗର ଅରୁଣ ଦୀପ୍ତି ।

Digitized by srujan ka@gmail.com

ସ୍କନ୍ଧାରେ ଭାରତ ଉତ୍ତର ନଭେ
ଧ୍ରୁବ ତାରକାର ପ୍ରାଣେ
ଆତ୍ମା ତାହାର ଜଳି ଉଠୁଅଛି
ଦିବ୍ୟ ଆଲୋକ ଗାନେ ।

ସଘନେ ପଘନେ ଅମର ଜୀବନେ
ବଞ୍ଚି ରହିଛି ସେଥିପାଇଁ
କିଏ ସେ କହୁଛି ମରିଗଲା ବୋଲି
ମୁଁ କହୁଛି ସେତ ମରି ନାହିଁ ।

Digitized by srujan ka@gmail.com

ଘାସ-ଫୁଲ

ନାହିଁ ମୋର ସଉରଭ, ନାହିଁ ମୋର ମଧୁ
ଭ୍ରମର କହେ ନା ମତେ ପ୍ରୀତି-ଗୁଞ୍ଜ ଗିରେ;
ଚିକୁର ମଣ୍ଡନେ ମତେ ଯୋଜନେ ନାହିଁ ବଧୂ
ଚଢେ ନାହିଁ କେବେ ମୁଁ ତ ଦେବତାର ଶିରେ ।

କ୍ଷୁଦ୍ର ମୁହିଁ ପଡ଼ିଥାଏ ସଦା ଭୂମିତଳେ
ଧରି କ୍ଷୁଦ୍ର ଜୀବନର କ୍ଷୁଦ୍ର ଇତିହାସ;
ପ୍ରଭାତେ ବିନ୍ଦୁଏ ହିମ ଧରି ବକ୍ଷସ୍ଥଳେ
ମୁଁ ମୋର ଦେଖାଏ ଭବେ ଅଶ୍ରୁ ଧୂଆ ହାସ ।

ଲୋଡ଼େ ନାହିଁ କେବେ ମୁଁ ତ କାହାର ସୌଭାଗ୍ୟ,
ଚଢ଼ିବାକୁ ଦେବତାର ମସ୍ତକ ଉପରେ,
ଲୋଡ଼େ କିନ୍ତୁ ନିଖିଳର ଚରଣ-ପରାଗ;
ଶିରେ ମୋର ପାଦ ଦେଇ ଯାଆନ୍ତୁ ସକଳେ ।

ତହିଁ ମୋର ସଦାନନ୍ଦ ତହିଁ ମୋର ତୃପ୍ତି
ତହିଁ ମୋର ମଧୁମୟ ଜୀବନର ସୃଷ୍ଟି ।

Digitized by srujan ka@gmail.com

ବିଦ୍ୟୁତ

ନୀଳମେଘୁ ଝରିପଡ଼େ ନବ ବୃଷ୍ଟି ଧାର
ବଜ୍ର ଲମ୍ଫେ, ଦିଗନ୍ତମେ ଥରେ ସୃଷ୍ଟି ସାର
ହେ ବିଦ୍ୟୁତ, ଘନ ମେଘ ସ୍ତର ଭେଦ କରି
ନଗାଟିଏ ମୁକ୍ତି ପାଇଁ ଉଠୁ ହୁହୁ ଜଳି ।

ଅନ୍ଧକାରେ କରି ଦେଇ ଆଲୋକ ବିକାଶ
ଅଶ୍ରୁ ବରଷାର ଦେଶେ ଦୃକ୍ତ ଦେଇ ହାସ ।
ହତାଶାର ରୁଦ୍ଧପଥେ ଝଲକାଇ ଆଶା
ମୂକ ମୁଖେ ଭରିଦେଇ ପ୍ରାଣ-ଖୋଲା ଭାଷା ।

ମୁକ୍ତିର ଲାଗି ଏ ଯେ ଉନ୍ମେଷ ତୋହର
ଜନମ ତୋହର ତହୁ ସାର୍ଥକ ସଫଳ ।
ଜୀବନ ସାର୍ଥକ ନୁହେ ଶତବର୍ଷ ମାସେ
ଜୀବନ ସଫଳ ଏକା ମୁକ୍ତି ବିକାଶେ ।

ଅଳପ ହୁଅନ୍ତା ପଛେ ଜୀବନ ମୋହର
ହୁଅନ୍ତା କି ତୋହ ପରି ଉଜ୍ଜ୍ୱଳ ସୁନ୍ଦର ।

Digitized by srujan ka@gmail.com

କୃଷ୍ଣଚନ୍ଦ୍ର ଗଡ଼

୧

ଫେରି ଚାହାଁ ଥରେ ଫେରି ଚାହାଁ ଆଜି
କୃଷ୍ଣଚନ୍ଦ୍ର ଗଡ଼
ଆଜି ପୁଞ୍ଜିତ ଅଙ୍ଗାର ଭାଟି
ଆସିଛି ଅନେକ ଝଡ଼ ।

ଏତେଦିନ ପରେ ଶାସକ ଆମର
ପରଦେଶୀ ସରକାର
କାଳସ୍ରୋତ ସ୍ରୋତ ଚାଲି ଯାଉଅଛି
ପିଛୁରେ ଆଉ ଧାର ।

ଭାରତ ଜନନୀ ଧାଇଁଅଛି ଆଜି
ମୁକ୍ତିର ଗଉରବ
ପଥେ ପଥେ ଦେଖ ଜଳୁଛି ପଞ୍ଜୁରି
ଉତ୍ସବ କଳରବ ।

ଜାଗରେ ଶହୀଦ ଜାଗ
ପ୍ରାଣଭରା ଏଇ ଉତ୍ସବେ ଆଜି
ଅଛୁ ରେ ତୋ ଦାନ ଭାଗ ।

Digitized by srujan ka@gmail.com

୨

ଶହେ ବର୍ଷର ତଳେ
ଝାଡ଼ଖଣ୍ଡରେ ବିପ୍ଳବ-ନିଆଁ
ଜାଳି ଦେଇଥିଲୁ ଥରେ ।

ଆମ ଓଡ଼ିଶାରୁ ବିଦେଶୀ ଶାସନ
ଦୂର କରିଦେବା ଲାଗି
ଅଗ୍ନେୟଗିରି ପରିଏ ଦର୍ପେ
ରୁଦ୍ର ଉଠିଥିଲୁ ଜାଗି ।

ପଠାଇଥିଲୁ ତୋ ପାଇକ ବାହିନୀ
ଦୁର୍ବାର ନିର୍ଭୟ
ଶୁଣାଇଥିଲୁ ତୋ ରଣ-ଦୁନ୍ଦୁଭି
ବନ-ଜଙ୍ଗଲ-ମୟ ।

"କାଳ ମରଣର ଭକ୍ତ ଆମେ ରେ
ରକ୍ତ ଆମର ଟାଙ୍କା
ବିଦେଶୀ ଏ ଦେଶୁ ଶୁଲ୍କପାଠ ଲଭେ
ଆମେଇ ଆମର ରାଜା ।"

ସିନ୍ଧୁ, ଭୁବନ ସେନାପତି ତୋର
ଶୁଣୁଥିଲେ ଯେଉଁ ଡାକ
ବତି-ନିଆଁ ଧରି ବଣ ଜଙ୍ଗଲେ
ମାତିଗଲା ଗୃହପାଣି ।

Digitized by srujan ka@gmail.com

ପତଙ୍ଗ ପରି ଶହ ଶହ ଯୁବା
ସେଇ ଶିଖା ନେଲେ ବର
ବାହାର ପଡ଼ିଲେ ନଳ ବନ୍ଧୁକ
ଅସି ଧନୁଶର ଧରି ।

ବିଜୟ ଲକ୍ଷ୍ମୀ ପାଇ ପାରିଲୁ କି ?
ତାହାର ଥିଲୁ ଯେ ତେଜେ
ଭାଗ୍ୟ ଲିପିର ବଞ୍ଚନାରେ ତୁ
ଶୋଇଲୁ ମରଣ ଶେଯେ ।

ପଞ୍ଚଶ [illegible] ବର୍ଷଛଳର
ରକ୍ତ [illegible] ଢାଳି
ଦେଶ ଜନନୀର ଚରଣ ପୂଜିଲୁ
ରକ୍ତ-ମଶାଲ ଜାଳି ।

ସଫଳ ହେଲା କି ତୋର ଅଭିଯାନ
ତୋର ମୁକ୍ତିର ରଣ
ବାଳ-ବୟସରେ ଗଲୁ ଅକାଳରେ
ରଖିଗଲୁ ତୋର ପଣ ।

ଶତେକ ବର୍ଷ ପରେ,
ସପନ ତୋହର ସଫଳ ହୋଇଛି
ଦେଖ ଆଜି, ଭାରତରେ ।

Digitized by srujan ka@gmail.com

୩

ଝାଡ଼ଖଣ୍ଡର ଗୁପ୍ତ ଗଡ଼ ତୁ
ଅନ୍‌ଗ୍ରଳ ଗୌରବ,
ଦଶ ଖଡଗରେ ବାଜିଉଠୁଅଛି
ଜୀବନର କଲରବ

କ୍ଷୁଦ୍ର ଢାଲରେ ମହାକାଳ ଏ ଯେ
ନାଶଙ୍କରେ ସ୍ୱରୂପାଣୀ
ମୃତ୍ୟୁର ଭୋକ୍ତୃ ଜାଗ ମୃର୍ଧାନ
ଘଡ଼ନାଯୁକ ମୁଁ ଡାକେ ।

ଜାଗରେ ଶହୀଦ ଜାଗ,
ଝାଣ-ଭସ୍ମ ଏଇ ଜନ୍ମରେ ଅଙ୍କ
ଅଛୁରେ ତୋହର ଭାଗ ।

Digitized by srujan ka@gmail.com

ବ୍ୟଥିତର ଗୀତ

ବିଶାଳ ଧରଣୀ ଭୂଇଁ
ଏକା ମୁଁ ବ୍ୟଥିତ ମୁହିଁ
  ଏକା ମୋର ଆଖି ଲୁହର ଜଳେ ଗୋ
ଧନ ନାହିଁ, ଗୀତ ନାହିଁ,
କେତେ ପରାଣ ତ ନାହିଁ
  ଶତ ବ୍ୟଥା ନଇଁଯାଏ ମନେ ଗୋ

କେତେ କେତେ ମଞ୍ଜୁଳ
ବନର ମାଳତୀ ଫୁଲ
  ଫୁଟି ଝରେ ଜଗତର ଉଦ୍ୟାନେ,
କେତେ ଯେ କପୋତ ନିତ
କୁହୁର ମଧୁର ଗୀତ
  ଗାଇ ବୁଲନ୍ତି ବନ ଗିରି-ପାହାଡ଼େ ।

କେତେ ନଦୀ, କେତେ ନଦ
ଗାଇ ଗୀତ ଗଦ୍‌ଗଦ
  ନିତ୍ୟ ଯେ ବହଇ ଅତି ମନ୍ଥନେ,
  କେତେ ମରୁ ଦାଗ-ହୀନ
  ପଡ଼ିଥାଏ ନିଶି ଦିନ
  ଜଗତର ଉଦର ବନ୍ଧନେ ।

Digitized by srujan ka@gmail.com

କେତେ ପୂର୍ଣ୍ଣିମା-ଶଶୀ
ଗଗନେ ନ ଉଠୁ ହସି
ଗ୍ରାସିଦଏ ଘୋର ଘନ ଘଟା ଗୋ,
ସାଗରେ କେତେ ଜୁଆର
ଝଡ ଫୁଲର ବାହାର
ଦେଖୁ ଦେଖୁ ପଡ଼ଯାଏ ଭଟା ଗୋ ।

ବିଶାଳ ଏ ଧରା ଭୂଇଁ
ଏକା କି ବ୍ୟଥିତ ମୁହିଁ
ଶତ ଶତ ରହିଥିବେ ମୋ ପରି
ହତାଶ ମୁଁ ହେବି କାହିଁ ?
ନନ୍ଦିତ ଭରି ହୃଦୟା
ଗାଇବି ଜୀବନ-ଗୀତି-ଲହରୀ ।

Digitized by srujan ka@gmail.com

ଗୋପବନ୍ଧୁ ହେ ଚଞ୍ଚଳ ଆସ ଫେରି ।

ମୃତ୍ୟୁର କୋଳେ ଯାଇଛ ଦେଶର ନେତା,
ମୃତ୍ୟୁ-ବିଜୟୀ ହେ ତ୍ୟାଗୀ ନରକେତା ।
ଜନ୍ମ ଭୂଇଁର ମୁକ୍ତି ତୁମର ପଣ
ମୃତ୍ୟୁର ପୂରେ ଜଗାଇଛ ତୁମେ
ଜୀବନର ଜାଗରଣ ।

ତୁମେ ତ ଆସିବ ଫେରି,
ସାର୍ଦ୍ଧ ଯୁଗ ଏ ବହୁ ଗଲାଣି ତ
ଆଜ କାହିଁ ପାଇଁ ଡେରି ?

ଦାମ୍ଭୀର ଦଳ ଦୁର୍ଗ ଦୁଆରେ
ଜାଗ୍ରତ କୋଳାହଳ
ଭାରତର ହାତୁ ତୁଟି ପଡୁଅଛି
ବନ୍ଧନ-ଶୃଙ୍ଖଳ ।

ଚାହିଁ ଦେଖ, ଚାହିଁ ଦେଖ
ଭାରତ ଭୂଇଁର ସିଂହ ଆସନେ
ଆଜି ନୂଆ ଅଭିଷେକ ।

ଗୋପବନ୍ଧୁ ହେ, ଆଉ କାହିଁ ପାଇଁ ଡେରି
ସ୍ୱାଧୀନ ଭାରତେ ଚଞ୍ଚଳ ଆସ ଫେରି !

Digitized by srujan ka@gmail.com

ହିନ୍ଦୁ-ମୁସଲମାନ

ଭଲା ବର୍ଣ୍ଣର   ଧୂମ ନିଃଶ୍ୱାସ
ଅମ୍ବର ପଥେ ଛାଡ଼
ଇଷ୍ଟେସନର   ବକ୍ଷ ଉପରେ
ଛିଡ଼ା ହୋଇଗଲା ଗାଡ଼ି ।

ମଳିନ ବସ୍ତ୍ର   ମିନତି ରଖିଲା
"ଗୁର୍ଖା ସିପାହୀ ଭାଇ
ହିନ୍ଦୁ ହୋଇ କି   ହୃଦୟେ ତୁମର
ବନ୍ଧୁ କରୁଣା ନାହିଁ ?

ଭେଟେଦଳ ହେଲୁ   ଏ ଯୁଅଳପୁରେ
ଆଶ୍ରା ନେଇବୁ ବାବୁ,
ପ୍ରାଣ ଘେନି ଆମେ   ପଳାଇ ଆସିଛୁ
ପଶ୍ଚିମ ପଞ୍ଜାବୁ ।

ସାହାଜନପୁରେ   ଏ ଗାଡ଼ି ନେଉଛି
ବହୁତ ମୁସଲମାନ
ତାଙ୍କ ସଂଘାରେ   ଏଇଠାରୁ ଆମେ
ପାଇଅଛୁ ସଂଧାନ ।

Digitized by srujan ka@gmail.com

ମରମ ଭିତରୁ · ଭାବ ଉଠୁଅଛି
ପ୍ରତିଶୋଧ, ପ୍ରତିଶୋଧ
ଦୁଆର ଟିକଏ ଖୋଲିଦିଅ ବାବୁ
ମନ କରିନେଇ ବୋଧ ।"

ସ୍ୱର୍ଣ୍ଣ ପଞ୍ଜର ଦର୍ପ ଦେଖାଇ
ଗର୍ଜି ଉଠିଲା ସଗେ
"ଆମର ଦ୍ୱାରର ବନ୍ଧୁକମାନ
ପଡ଼ୁଛି ତ ଆଖି ଆଗେ ?

କରୁଣା କରୁଚୁ ଯାଅ ଗୁଳ୍‌ଯାଅ
ଛାଡ଼ ଏ ଇଷ୍ଟେସନ
ବଞ୍ଚାଇଚ ଯେ ଅସ୍ତ୍ର ଛାଡ଼ିକି
ହସ୍ତଲବ ଅଭାରଣ ”

ମଣ୍ଡ ଜନତା ଉତ୍ତର ଦେଲା
"କି କହୁଚ ତୁମେମାନେ
କପର ଜାଣିବ ମରୁଚୁ ଆମେ ଯେ
ଲାଞ୍ଛନା ଅପମାନେ ।

ଘରଦ୍ୱାର ଅବା ଧନ ସମ୍ପଦ
ଧ୍ୱଂସ ହୋଇଛି ଯାହା
ଦୁଇଦିନ ପରେ ଅର୍ଜି ପାରିବୁ
ଅଛି ତ ଆମର ବାହା ।

Digitized by srujan ka@gmail.com

ଆମର ଉପରେ ଯାହା ଯା କରଣ
ଏ ମୁସଲମାନ ଜାତି
ସେ ସବୁର ସ୍ମୃତି ମର୍ମେ ରହୁଣ
ନିତ୍ୟ ରହୁଣ ଛାତି ।

ଦଗ୍ଧ ହୋଇଣ ଘର ସଂସାର
ସ୍ନେହ ମମତାର ଭାଣ୍ଡ,
ଭାଙ୍ଗି ଅଛୁ ନାରୀ ଭାଙ୍ଗି ବା ପୁରୁଷ
ନଷ୍ଟ ଅମର ଗୀତ ।

ମରମ ଭିତରୁ ଡାକ ଉଠୁଅଛି
ପ୍ରତିଶୋଧ, ପ୍ରତିଶୋଧ
ଦୁଅର ଟିକଏ ଖୋଲିଦିଅ ବାବୁ,
ମନ କର ନେଉ ବୋଧ ।"

"ଜପର କରବୁ" ସିପାହୀ କହିଲେ
ମା' ଗୃହ'ର ତୁମେମାନେ
ସର୍କାର ଯେଉଁ ହୁକୁମ ଦେଇଛି
ତାହାହିଁ ପାଳିବୁ ଆମେ ।

ଡେରାଡୁନ୍ ଠାରୁ ଉଦ୍ଧାର କରି
ଅଷ୍ଟଗା ଏ କେତେଜଣ
ସାହାରାନ୍ପୁରେ ନେଇ ଯାଉଅଛୁ
ଛାଡ଼ିଦିଅ ତୁମ ପଣ ।

Digitized by srujan ka@gmail.com

ଲୁଙ୍ଗୁଅଛୁ ତୁମ   ଛତ୍ରୋଭ ଆଜ
ଜୀବନର ସଂଗ୍ରାମେ
ଅଭାଗା ଏ ସବୁ   ଶରଣାର୍ଥୀରେ
ରକ୍ଷା କରିବୁ ଆମେ ।”

“ପାକିସ୍ଥାନର   ସର୍କାର ଯେଣେ
କଅଣ କରୁଛି ଜାଣ
ହିନ୍ଦୁ ଜାତିର   ଧ୍ୱଂସ ସକାଶେ
ଗଢୁଛି ଉପାୟ ମାନ ।

ଦୁନିଆ ସାରର   ଆତତାୟୀ ଆଣି
କରନ୍ତି ଏକଜୁଟ୍
ହିନ୍ଦୁ ଜାତିର   ଇଜ୍ଜତ ଜାନ
ସବୁ କରନ୍ତି ଲୁଟ୍ ।

ମାତ୍ର ଆମର   ସର୍କାର ଏଣେ
କରନ୍ତି ପ୍ରତିରୋଧ
କେଉଁ ପରି ଆମେ   ଅବମାନନାର
ନେବୁ ଆଜ ପ୍ରତିଶୋଧ ।”

“ତୁମେ ତ ଜାଣିଚ   କେତେ ଧନ ଗଲେ
ନୂଆଖାଲି କଥା ଲାଗି
ମୁସଲମାନେ   ହତ୍ୟା କରିଲା
ଶିବାଧ ସେଧନ ଲାଗି ।

Digitized by srujan ka@gmail.com

ଜବାହର ଲାଲ ହୁକୁମ ଦେଲେ ଯେ
ବିହାର ଭୂଇଁର ବୁକେ
ହଜାର ହଜାର ହିନ୍ଦୁ ଝଡ଼ିଲେ
ଗୁଳି ବନ୍ଧୁକ ମୁଖେ ।

ସେହୁ ସର୍କାର ଆମ ଭାରତରେ
ଶାସନ କରୁଛି ଆଜି
ପରିଣାମ କଣ ଭାବି ପାରୁନାହିଁ
ଦେଖୁଚ କି ଗାନ୍ଧି ବାବା ?

ବହୁତ ଆମେ ରେ କରୁଣା କଲୁଣି
ହେଲାଣି ବହୁତ ବେଳ
ବନ୍ଧୁକ ଆଗେ ଅକାରଣ ଆଉ
କର ନା ମରଣ ଖେଳ ।”

“କାହାକୁ ଆମେରେ ମିନତି କରୁଚୁ
ମରଣ ଯେ ଆମ ଖେଳ,”
ଆଖିର ନିମେଷେ ଜନତା-ସିନ୍ଧୁ
ହୋଇଗଲା ଉଦ୍‌ବେଳ ।

କଣ୍ଠର ସେତେଲେ କାହା କଥା ଆଉ
କେହି ନ ଶୁଣିଲେ ଜମା
ବାଙ୍କିପୁର ପଥେ ଗାଡ଼ି ଉପରକୁ
ଫିଙ୍ଗିଲେ ହାତ ବୋମା ।

Digitized by srujan ka@gmail.com

ଗାନ୍ଧିର ଭିତରେ ଶହ ଶହ ଲୋକ
ଝାଳ ପଡ଼ିବାର ଦେଖି
ଗୁର୍ଖା ସିପାହୀ ଭୀଷଣ ଭିଡ଼ରେ
ବନ୍ଧୁକ ଦେଲେ ଠେକି ।

ଦ୍ରୁଭୁମ୍ ଦ୍ରୁଡୁମ୍ ନିର୍ଦ୍ଦୋଷେ ଉଡ଼ନ୍ତି
ଫୁଟାଇଲେ ବନ୍ଧୁକ୍
ଗୁଳି ମୁଖେ ରହି ଲକ୍ଷ ହୋଇଲେ
ଭେଦୋଟି ମୃତ୍ୟୁ-ଭୂକ୍ ।

ଇଂରେଜ ସ୍ୱତ ଯାଉଛନ୍ତି ଉଲ
ଜ୍ଞାନ-ବୃକ୍ଷର ଫଳ
ଯାହାକୁ ଖାଇଲେ ଜଗତରେ ଭାଇ
ହେବ ନାହିଁ ମଙ୍ଗଳ ।

ସେଇ ଫଳ ଖାଇ ଆମ ଦେଶେ ଆଜି
ହିନ୍ଦୁ ମୁସଲମାନ
ରକ୍ତରେ ହାତ୍ର ନରକ ଗଢ଼ୁର
ଗଢ଼ୁଚ୍ଛ ଜାହାନ୍ନାମ ।

Digitized by srujan ka@gmail.com

ନବ ଉତ୍କଳ

ନବଜାତକ ମୋ ନବ ଉତ୍କଳ
ନଗରି ଗ୍ରାମରେ ତୋଳିଛି ମଥା
କୋଟି ଅନ୍ତରେ ଉଚ୍ଛୁଳଇ ଆଜି
ନବ ଭାବ, ନବ ପ୍ରଫୁଲ୍ଲତା ।

ରାଜା ନେଫର ଅଛୁ ଦୀନ ଅଙ୍ଗନେ
ପ୍ରଜା ବସିଅଛି କୃଷକ ପେଣ୍ଠଲ
ଦେଶର ଜାତିର ଇତିହାସ ବୁକେ
ନବ ମୟୂଖର କାନ୍ତି ଖେଳେ ।

ମହୋଦଧି ଆଜି ନାଚି ଉଠୁଅଛୁ
ଲୋଲ ହିଲ୍ଲୋଳ ନୃତ୍ୟ ତାଳେ
କର୍ମ୍ମିତ ଲୀଳା—ଭଙ୍ଗେ ଝଲକା
ତାରକ ସଜନୀ ଅଂଶୁଧାରେର ।

Digitized by srujan ka@gmail.com

ସ୍ଫୀତ ବକ୍ଷରେ ମହାନଦୀ କହେ
"ଭାସି ବହିଥିଲେ ଅମର ଗାନ
ମୋହର ଦେଶର ମଙ୍ଗଳ ଲାଗି
ବନ୍ଧ ମୁଁ ବୁକେ ନେଇଛି ବାନ୍ଧ ।"

ବ୍ରାହ୍ମୀ ବହଇ ଋଷିକୁଲ୍ୟାରେ
"ଭରି ନେଇ ଥାଉ ଜୀବନ ଆମେ,
ଭରି ଦେବା ଆମ ଜନ୍ମମାଟିକୁ
ଫୁଲ-ଫଳ-ତୃଣ-ଶସ୍ୟ-ଦାମେ ।"

କୋରପୁଟ୍ ବନେ ଜୁଣ୍ଡୁମା ନାଚଇ
"କାନନ ବେଦନ ହୋଇଛି ଶେଷ,
ଦୀପ୍ତ ଅଲୋକେ ଅନ୍ଧାର କାଟି
ଆମେଇ ସେବିବା ଆମର ଦେଶ ।"

ସମ୍ବଲପୁରେ ନୃସିଂହ ନାଥ
ଦେବଗଡ଼ ଧାରେ ପ୍ରଧାନପାଟ
ବଣେଇ ଗହନେ ଖଣ୍ଡାଧାର ଗା'
ଶୁଣି ଅଶ୍ୱାସେ କାଉଁଛ ନାଚ ;

Digitized by srujan ka@gmail.com

ବାୟୁ-ହିଲ୍ଲୋଳେ ସଙ୍ଗରେ ଆଜ
ବଡ଼ ଦେଉଳର ହର୍ଷବାଣୀ,
"ପାଷାଣ ବୁକୁରେ ପଦ ଫୁଟିବ
ଦେଶରେ ହସିବ ଶିଳ୍ପରାଣୀ ।"

ଭଗ୍ନ ଶସ୍ତରେ ଆଶା ସଞ୍ଚାରୁ
କୋଣାରକ ଗୃହେଁ ଧଉଳୀ ମୁଖେ,
ଝିଳଂ ହରଷେ ମଥାଟି ଟେକଇ
ମୟୂରଭଞ୍ଜ—କାନନ-ବୁକେ ।

ଭୁବନେଶ୍ୱର ବକ୍ଷ ଉଠରେ
ଉଚ୍ଛୁଳି ପଡ଼ଇ ଅଦ୍ଭୁତ ଆଶା
"ଆମେ ଫୁଟାଇବା ଦେଶର ବାସନା
ଆମେ ଫୁଟାଇବା ଜାତିର ଭାଷା ।"

ସଜାଗ ଅମର ବାରବାଟୀ ଗଡ଼
ଚୌଦ୍ୱାରେ ବୃନ୍ଦେ ଖୋଲଇ ପ୍ରାଣ
"ଆମେ ରେ ଗଢ଼ିବା ନବ ଇତିହାସ
ଆମେଇ ଗଢ଼ିବା ଜାତିର ମାନ ।"

Digitized by srujan ka@gmail.com

ଗିରିବନ ପଥେ ଖଣି ଅନ୍ଧାରେ
ବନ୍ଦନା ଧାତ୍ରୁ ତୋଳଇ ସ୍ୱର
"ଏଥର ଜାଣି ରେ ମୁକ୍ତ ହୋଇଲା
ରୁଦ୍ଧ ସକଳ ଦୁଆର ମୋର ।"

ଏଥର ଯାଇ ମୁଁ ମୁକ୍ତ ଆଲୋକେ
ଘରେ ଘରେ ମୋର ଆସନ ନେବ
ନର ଜୀବନରେ ଧନ୍ୟ ହୋଇବ
ଦେଶ ଜନତାର ଚରଣ ସେବ ।"

ନବଜାତକ ମୋ ନବ ଉଜ୍ଜ୍ୱଳ
ନିଖିଳ ଭାରତେ ତୋଳିଛ ପଥ
କୋଟି ଅନ୍ତରେ ଉଚ୍ଛୁଳଇ ଆଜ
ନବ ଭାବ ନବ ପ୍ରଫୁଲ୍ଲତା।

Digitized by srujan ka@gmail.com

ଶରତ-ନଈ-କୂଳେ

୧

ଶରତ-ନଈ-କୂଳେ
ବସିଣ ମୁହିଁ ସ୍ୱପ୍ନ-ଛଇଳ
ଆମ୍ର-ତରୁ-ମୂଳେ ।

ପ୍ରକୃତିର ସବୁଜ କୋଳ
ଏ ମୋର ମନ ଦେଉଛ ଭୋଳ

ନସ୍ୱନ ମମ
ଭ୍ରମର ସମ
ମାଟୈସ୍ପି ବୁଣି ବୁଲେ
ଶରତ-ନଈ କୂଳେ !

Digitized by srujan ka@gmail.com

୨

ନଈର ଜଳ-ଧାର
ସ୍ଖଳିତ ଗ୍ଳାନ-ଅଳସ ଗତିରେ
ଦର୍ଶିତ ମନ୍ଦାର
ହଳଦ ଗଛ-ପତର-ଶ୍ରେଣି
ସମୀର ଧୀରେ ପଡ଼ୁଛି ଝାପି,
ଗୋଟିକି ଗୋଟି
ପଡ଼ୁଛି ଲେଟି
ଚପଳ ଢେଉମାଳା
ନଈର ଜଳ-ଧାର ।

୩

ସ୍ରୋତର ଏକ ପାଶେ
ଧ୍ୟାନୀ ବକ ଗୁଳ୍ମର ଧାର
ମୀନ-ମୃଗୟା-ଅନ୍ୱେଷେ ।
ପାଉଛି ଯାହା ପରମ ସୁଖେ
ଭରି ଦେଉଛି ଆପଣା ମୁଖେ
ମାଛରଙ୍କା
ଝାମ୍ପ ମାରି
ଉଠଇ ନୀଳାକାଶେ
ସ୍ରୋତର ଏକ ପାଶେ ।

Digitized by srujan ka@gmail.com

୪

ପାଖରେ ଏଇ ପଥ
ଝାଉଁଣିବନ ଦିଶୁଛି ଅନ୍ଧ
ସତେ କି ଧଳା ଜଟା
ତାହାର ପାଖେ ଚକୋଇ ସଙ୍ଗେ
ଚକୁଆ ଖେଳା କରୁଛି ରଙ୍ଗେ
ଉଦାଲିଅଛି
ଚକ୍ର ଭାଟି
ଦେଖାଏ ରୂପ ଛଟା,
ପାଖରେ ଏଇ ପଥ ।

୫

ନଈର ଅରଗାରେ
ଦିଶୁଛି ଗାଈ ବାଛୁରି ଏକ
ସବୁଜ ପଡ଼ିଆରେ;
ଗୋପାଳ ପୁତ କେଉଁଠି ବସି
ବଇଁଶୀ ସ୍ୱରେ ଯାଉଛି ବସି,
ମୂର୍ଛନାଟି
ଅସ୍ଫୁଟ ମାତ୍ର
ମଧୁର ଝଙ୍କାରେ
ନଈର ଏଇ ଧାରେ ।

Digitized by srujan ka@gmail.com

ନଈର ଏଇ କୂଳେ,
ଶେଫାଳି ଫୁଲ୍ ଅକୁଳ ଭରି
ଫୁଟିଛି ଯାଇ ଦୂରେ ।
ମଧୁର ତା'ର ମନ୍ଦ ଗନ୍ଧି
ଧୀର ଲହରେ ଅସ୍ପୁଟ ଛପି,
ଆବେଶ-ବିହ୍ୱଳ
ଚିତ୍ତ ମୋର
ଭାସାଇ ସାଥେ ଦୂରେ;
ନଈର ଏଇ କୂଳେ ।

୭

ସେଦିନ ବେଳେ ତହିଁ,
ଉଚ୍ଛଳ ଉଠଇ ଡାକ
ଆକାଶେ ରହି ରହି ।
ଦୂରେ ଯେ ଥିଲେ ବାଳକ ଦଳ
ଉଲ୍ଲେ ମିଳି ତୋଳିଲେ ସ୍ୱର ।
"ହେଇରେ ଦେଖ
ଦିଗସ୍ତ ଶିର"
ନବ ପୁଲକ ବହି,
ସେଦିନବେଳେ ତହିଁ ।

Digitized by srujan ka@gmail.com

୮

ଆଜି ଏ ଲଗନରେ
ସୁନୀଳ ଏକ ବହ୍ରଦ ତଟେ
ଚକ୍ରବାଳ ପଟେ
ଅକାଶେ ମେଘ ଛଟେ ଏ ନଈ
ମନରେ ମୋର ଢଅଇ କହୁ
"ସୃଷ୍ଟି ଧାମେ
ସୁଷମା ଅମେ
ଉଦ୍ଧତ ପଲକରେ,"
ଆଜି ଏ ଲଗନରେ ।



Digitized by srujan ka@gmail.com

ସୃଷ୍ଟିର ଅପମାନ

ଭଗବାନ, ଭଗବାନ,
କେଉଁ ଦେଶେ ବସି   ଦେଖୁଅଛ ଅଜ
ସୃଷ୍ଟିର ଅପମାନ ।

ନିଜ ରୂପ ଦାନେ   ମୁଗ୍ଧ ପରାଣେ
ବିଶ୍ୱ ଭୁବନ ତୁମେ,
ଜୀବ ଜଗତର   ସୃଷ୍ଟି ଉପରେ
ଗଢ଼ିଛ ଯାହାକୁ ତୁମେ;

ଦୀପ୍ତ ଯାହାର   ଶୁଭ୍ର ଲଲାଟେ
ବିଜୟ ଆଲିମ୍ପନ
ଆସିବାର ବେଳେ   ଅଙ୍କି ଦେଇଛ
ମଙ୍ଗଳ ବିଭୂଷଣ;

ଧବଳ ଜଟିର   ସଙ୍ଗମ ଶିଖା
ପ୍ରଭାତ ପ୍ରଦୋଷ ପର
ମର୍ତ୍ତ୍ୟେ ଆଣିଛ   ଦେବ ଦାନବଙ୍କ
ସାମ୍ୟ ମିଳନ ଧର ।

Digitized by srujan ka@gmail.com

ପ୍ରିୟତମ ତୁମ ସୃଷ୍ଟି ହେଉଛି ଯେ
ଶ୍ରେଷ୍ଠ ମାନବ ଜାତି
ଅନ୍ଧ ମରଣେ ଛନ୍ଦ ହରାଇ
ଖୋଜୁଛି ନରକ ପାଥ ।

ଭଗବାନ, ଭଗବାନ,
କେଉଁ ଦେଶେ ବସି ଦେଖୁଅଛ ଆଜ
ସୃଷ୍ଟିର ଅପମାନ ।

ନିତ ଦେଖୁଅଛୁ ଶକୁନ ଶୃଗାଳ
ଉଷ୍ଣ ଧରଣୀତଳେ
ଜୀବନ ଶୋଷଇ ଧମଣି ଶୋଷଇ
ନିର୍ଜୀବ ଶବପରେ ।

ମାନବ କଅଣ କରୁଛି ସ୍ୱାର୍ଥ ଯେ
ସଭ୍ୟ ମାନବ ଜାତି
ବିଚାର ନ ରଖି ମାନବ-ଶିକାର
କରୁଛି ଦିବସ ରାତି ।

ବିଜ୍ଞାନ-ଜାତ ଅଜ୍ଞାନ-ଜାତ
କମାଣ ଗୋଳାର ବଳେ
ଭସ୍ମ କରଇ ଧ୍ୱଂସ କରଇ
ପ୍ରବଳ ନିର୍ବଳରେ ।

Digitized by srujan ka@gmail.com

ଲକ୍ଷ ଲକ୍ଷ ବର୍ଷର ତଟର
ଜଗାଇ ଶଙ୍କା ଭୟ
ରଙ୍ଗ ଅରବେ ବଜାଇ ଦେଉଛି
ଅପଣାର ଜୟ ଜୟ ।

ଜୟ ମହାଜନସ୍ତୁ ଦାନ ଯେବେ ଥାଉ
କିଞ୍ଚିତ ନାହିଁ ଭାଗ,
କ୍ଷମତାର ନୂତପ ନଶ୍ଵର ଜୀବନ
ବଳି ପଡ଼ୁଅଛି ଆଗ ।

ମାଟିର ଭିତର ବରଷ ଯା ଧରି
ଧୂଳିର ତଳର ଦେଇ
ମାଟିର ଭିତରେ ସ୍ଵନାମ ଅସଲ
ମୁଷ୍ଟି କରୁଛି ଏଇ ।

ରାଜାର ଶାସନ ମନଜା-ନାଶନ
କଳେ ବଳେ କୌଶଳେ
ଦାଣ୍ଡକେ ଭଙ୍ଗା ଲୁଣ୍ଠି ନେଉଛି
ଫିଙ୍ଗି ଆସନ ତଳେ ।

ପୀଡ଼ିତ ପ୍ରଜା ଜଣାଇଲେ ଯାଇ
ଦୈନ୍ୟ ବେଦନା-ଭାର,
ଲକ୍ଷ୍ମୀର ଫଉଜ ବନ୍ଧୁକ ମୁଖେ
ବନ୍ଦ କରୁଛି ଓଠ ।

Digitized by srujan ka@gmail.com

ଧର୍ମର ଧ୍ୱଜା ବାହାରେ ଉଡାଇ
ଧର୍ମର ଧନେ ଅଜ
ଦେବତ୍ୱର ଓଜନ ବଢ଼ାଉଛି ଖାଲି
ମଠାଧୀଶ ମହାରାଜ ।

ଧର୍ମ ଜମାର ଖରଚ କରୁଛି
ଟିକିଏ ବିକାର ନାହିଁ ।
ଧର୍ମ ନୀତିରେ ଚରଣେ ଦଳୁଛି
ଟିକିଏ ବିକାର ନାହିଁ ।

ଦେଶ ବିଦେଶରେ ଦାଗ ବିଦାଗରେ
ପୁଞ୍ଜିପତିର ଦାଉ
ନିଖିଳ ଜଗତ ତ୍ରାସି ଯାଉଅଛି
ଦଣ୍ଡକେ ଗୃହୁଁ ଗୃହୁଁ ।

ଦୁଃଖ-ଯାତନା- କ୍ଳିଷ୍ଟ ଜୀବନ
ନିଃସ୍ୱ ଦଳିତ ଭାଇ
ଧରିଛଲେ ମଥା ଗୁଂଜିବା ପାଇଁ
ଠାବ ପାଉନାହିଁ କାହିଁ ।

ଯନ୍ତ୍ରର ପହିଁ ପୁଞ୍ଜିତ ଧୂମ
ଘୋଟିଅଛି ଭରପୂର
ରୁଦ୍ଧ ଶ୍ୱାସେ ଶ୍ରମ କରୁଛନ୍ତି
ମରୁଅଛି ମଜଦୁର ।

Digitized by srujan ka@gmail.com

ଅମାବାସ୍ୟାର ଘନ ଅନ୍ଧାରେ
ଛଡ଼ତ ଦୀପାଳି ଖଣ
ଝଡ ଭୂତର ଦୁର୍ଦ୍ଦମ୍ୟ ମାଲିକ
ପୂର୍ଣ୍ଣିମା ଗାଲୁଅଛି ।

ସୃଷ୍ଟି ପାଳନେ ଯାହା ହାତେ ତୁମେ
ଦେଇଛ ଯେ ଅଧିକାର
ଭଣ୍ଡ ବେଶ୍ୱର ନ କରୁ ସେ ଭାର
କରୁଅଛି ଅପସ୍ପର ।

ଭଗବାନ, ଭଗବାନ,
କେଉଁ ଦେଶେ ବସି ଦେଖୁଅଛ ଆଜ
ସୃଷ୍ଟିର ଅପମାନ ।

ମାନବ ସହଜେ ଭୁଲି ଯାଉଅଛି
ମାନବର ଅବଦାନ
ମାନବର ବୁକେ ଲକ୍ଷ୍ୟ କରି ସେ
ମାରୁଛି ଅନଳ ବାଣ

ଭୁବନ ଉପରେ ଆଜି ସେ ଢୋଇଛି
ଅମଙ୍ଗଳର ଢେଉ
ଗଗନ ଉପରେ ଜାଗି ଉଠିଛି ସେ
ଧ୍ୱଂସର ଧମକେଉ ।

Digitized by srujan ka@gmail.com

ଯେ ପଥେ ତାହାର ଚରଣ ପଡ଼ଇ
ମଙ୍ଗଳର ବୃନ୍ଦାବଳୀ
ଯେ ଦିଗେ ତାହାର ଦୃଷ୍ଟି ଯାଉଛି
ସକଳ ଯାଉଛି ଜଳି !

ନିଃଶ୍ୱାସେ ତାର ବାୟୁ ମଣ୍ଡଳ
ଭୟେ କମ୍ପୁଅଛି ଥର
ସକାତର ସାଗ ପ୍ରକୃତି ଏଇ
ଯାଉଅଛି ଆଜି ଡରି ।

ଭଗବାନ, ଭଗବାନ,
କେଉଁ ଦେଶେ ବସି ଦେଖୁଅଛ ଆଜ
ସୃଷ୍ଟିର ଅପମାନ ।

Digitized by srujan ka@gmail.com

ପତାକା ସଙ୍ଗୀତ

୧

ଉଡ଼ଇ ଆମ ପତାକା ଏ ଯେ
  ଜଗତେ ଅନୁପମ
ନମ ରେ ଆଜି ଏମା ଦେଶ ଭାଇ
  ଏହାରି ତଳେ ନମ ।

ଆମରି ଦେଶ ଆମରି ଜାତି
ଏହାରି ଲାଗି ଦିବସ ରାତି
 ଢାଳିଛି କେତେ ସାଧୁ ଓ ରକ୍ତ
  ନାହିଁ ଯେ ତାର ସମ ।

ସହିଛି କେତେ ଦମନ ଲୀଳା
  ବୁଲେଟ-ଗୁଳି-ମାଡ଼
ଏହାରି ଲାଗି ପାଉଛି ଲୋକ
  ଚୂର୍ଣ୍ଣ ଗାତ୍ର-ହାଡ଼ ।

କେତେ ଯେ ପ୍ରାଣ ଏହାରି ପାଇଁ
ଶହୀଦ ହେଲେ କଳନା ନାହିଁ ।
 ପତାକା ଏ ଯେ ପାଇଛୁ ଆଜି
  ଆମରି ପ୍ରିୟତମ ।

Digitized by srujan ka@gmail.com

ଛନ୍ଦ ସଂପର୍କରେ ଦୁଇପଦ

ଛନ୍ଦ କବିତାର ଗୋଟିଏ ଅବିଚ୍ଛେଦ୍ୟ ଅଙ୍ଗ । ଛନ୍ଦର ହିଲ୍ଲୋଳରେ ଭାବର ବିକାଶ ହୁଏ ବଡ଼ ମନୋଜ୍ଞ ଭାବରେ । ଓଡ଼ିଆ କବିତାରେ କେଣସି ସାମ୍ପ୍ରତିକ ଭାବସଙ୍କୁଳତା ବହନ କରିବା ପାଇଁ ଏକ ନୂତନ ଛନ୍ଦ ଆତ୍ମପ୍ରକାଶ କରିଛି । ତାହା ଯୁକ୍ତାକ୍ଷର ଛନ୍ଦ । ଅକ୍ଷର ଛନ୍ଦର ପ୍ରକୃତି ପ୍ରତ୍ୟେକ ପାଠକଙ୍କୁ ଜଣା । ତାହା ଅକ୍ଷର ପରିମାପରେ ଗଣାଯାଏ । ଯଥା—

ଅତି ମନୋହର କାଳ ଶୀତ ଋତୁ ଧବ ଗାଢ଼ ଗାଢ଼ ନାହିଁ
ପଲ୍ଲବ ପାଟଳ ମଧୁ ଋତୁ ଗ୍ରୀଃ ଧଗ ମାଢ଼ ମାଢ଼ ନାହିଁ ।

ଜଙ୍ଗଶୀ, ରାଧାନାଥ ଗ୍ରନ୍ଥାବଳୀ

ମାତ୍ର ଯୁକ୍ତାକ୍ଷର ଛନ୍ଦରେ ଅକ୍ଷର ସାମ୍ୟ ନାହିଁ । ଅଛି ମାତ୍ରା ସାମ୍ୟ ।

ଯନ୍ତ୍ର ତଟେ କି ମନ୍ତ୍ର ଦେଇଛି ମାଟିର ମଣିଷ ଆରେ
ମୁଗ୍ଧ ଚୋହର ଚିତ୍ତ ଗହନେ ଚିନ୍ତ୍ର ପାରୁନୁ ବାରେ ।

କବିତା ପ୍ରବେଶ-ଉତ୍କଳ ବିଶ୍ୱବିଦ୍ୟାଳୟ

ସଂସ୍କୃତରେ ଯେଉଁ ମାତ୍ରାବୃତ୍ତ ଛନ୍ଦ ଅଛି, ଆମର ଏ ଯୁକ୍ତାକ୍ଷର ଛନ୍ଦ ତାକୁହିଁ ଅନୁସରଣ କରି ସୃଷ୍ଟି ହୋଇଛି । ସଂସ୍କୃତରେ ଅଛି—

ଆକାର, ଦୀର୍ଘଇକାର, ଦୀର୍ଘଉକାର, ଏକାର, ଐକାର, ଓକାର, ଔକାର, ଅନୁସ୍ୱାର, ବିସର୍ଗ ଓ ରେଫ୍ ଯୁକ୍ତ ବର୍ଣ୍ଣ ନଜେ ଓ କ୍କ, ଙ୍ଗ, ପ୍ର, ମ୍ଳ ଇତ୍ୟାଦି ଯୁକ୍ତବର୍ଣ୍ଣର ପୂର୍ବ ବର୍ଣ୍ଣ ଗୁରୁ ବା

Digitized by srujan ka@gmail.com

ଧ୍ୱନି ମାତ୍ରିକ ହୁଏ । ସେଥିପାଇଁ ସଂସ୍କୃତ କାବ୍ୟ ଜଗତର ଅଙ୍ଗିକତାରେ ଅଛି ଏକ ଅଭିନବ ଭଙ୍ଗୀ ଓ ହିଲ୍ଲୋଳ । ତାହା ମାତ୍ରାବୃତ୍ତ । ଭାରତରେ କୌଣସି ଭାଷା ତା'ହାର ଲୋଭ ସମ୍ବରଣ କରି ପାରିନାହିଁ । ହିନ୍ଦୀ, ବଙ୍ଗଳା ଓ ତେଲୁଗୁରେ ତାହା ବହୁ ପରିମାଣରେ ଗୃହୀତ । ଆମ ଓଡ଼ିଆ କାବ୍ୟ କବିତାରେ ତାହା ବହୁକାଳରୁ ଅଛି ।

ଚରଣ ଅରୁଣ ରାଜେ, କନକ ନୂପୁର ସାଜେ
କଟି କିଙ୍କିଣୀ ଘଣ୍ଟି ଠଣବଣ କଙ୍କଣ ଝଙ୍କ ବାଜେ ।

ରହସ୍ୟ ମଞ୍ଜରୀ, ଦେବଦୁର୍ଲଭ ଦାସ

ରସମାନସ ରାଧିକେଶ ଜାର ରସ କଥାରେ
ସେହିତ ଶୁକ ସନକଶେଷ ଅନାଶ ନାହିଁ ପଥାରେ ।

ଗୋପାଳକୃଷ୍ଣ ପଦ୍ୟାବଳୀ

ଅଞ୍ଜନ ଛୁଟେ ମଦ ଗଞ୍ଜନ କେଶା
କଞ୍ଜ ସୁନ୍ଦର ମୁଖ ସୁନ୍ଦର-ବେଶା
ସଞ୍ଜ କୁମୁଦ ସମ ହାସ ବିକାଶା
ଲୁ ଥିନା ସାହାରେ ।

କବିସୂର୍ଯ୍ୟ

ଜୟ ଦେବୀ ଜନ୍ମଭୂମି କୀର୍ତ୍ତି-କିରୀଟ-ଧାରିଣୀ
ବନ୍ଦେ ଦେବୀ ଅଶାମଧ୍ୟ ନଗୂଢ଼-ଶକ୍ତି-ଶାଳିନୀ

ଉତ୍କଳଗାଥା—ମଧୁସୂଦନ

Digitized by srujan ka@gmail.com

କାଞ୍ଚି ନୃପତି ଜହ୍ନଭ ନୃପେ କରୁଅଛନ୍ତି ଅବମାନନା,
ସଂମଦ ଧ୍ୱଜା ଲାଗିଛନ୍ତି ଜହ୍ନଲେ ବାଜୁଛନ୍ତି ମୃଦଙ୍ଗ ବାଜଣା ।

ନନ୍ଦକିଶୋର

ମୁଁ ଉପରେ ଯେ କେତୋଟି ପଂକ୍ତି ଉଦ୍ଧାର କରିଅଛି, ସେଥିରେ ସଂସ୍କୃତର ଲକ୍ଷଣ ମାତ୍ରା-ପରିମାଣ ନାହିଁ । ତାହାର କାରଣ ଭଳ । ଓଡ଼ିଆରେ ଆକାର, ଦୀର୍ଘଇକାର ପ୍ରଭୃତିକୁ ଗୁରୁବୋଲି ଚଳେଇ ନେବା କଠିନ । ତେଣୁ କେବଳ ଯୁକ୍ତାକ୍ଷରକୁ ଗୁରୁ ବା ଦ୍ୱିମାତ୍ରିକ ବୋଲି ଗ୍ରହଣ କରା ହୋଇଅଛି । ଓଡ଼ିଆ ଛନ୍ଦ-ମାଳାରେ ମଧ୍ୟ ଏହି ଯୁକ୍ତାକ୍ଷରର ଦ୍ୱିମାତ୍ରିକତା ଦେଖାଯାଏ ।

ଚୂର୍ଣ୍ଣପଦ ଦୂର୍ଣ୍ଣ କର
କଲେ ଜାଣିଥିବ ପୂର୍ଣ୍ଣ କର ।

ଅପର ଆଧୁନିକ ଓଡ଼ିଆ କବିତାରେ ତାହା ରୂପାୟିତ ହୋଇଅଛି ଏହିପରି ।

ରୁକ୍ଷ ତୋହର   ବକ୍ଷ ବଢ଼ାନେ
ସଞ୍ଚିତ ବହୁ ଧନ
ଲକ୍ଷ ସ୍ୱପନ   ଲକ୍ଷ ମନନ
ବହୁତ ମହତ ମନ

ଯୁକ୍ତାକ୍ଷର ନହେଲେ ମଧ୍ୟ ଐକାର, ଔକାର ଓ ଋଫଳା ଯୁକ୍ତ ଅକ୍ଷରକୁ ଦ୍ୱିମାତ୍ରିକ ଗ୍ରହଣ କରାଯାଇଅଛି । ଶୈଶବକୁ ଶଇଶବ, ଯୌବନକୁ ଯଉବନ, ଅମୃତକୁ ଅମୃରୁତ ଓ ଭୃଣିକୁ ଭରଣି ବୋଲି ଭାଷାରେ ଚଳୁଅଛି । ଯଥା :—

Digitized by srujan ka@gmail.com

୧

ଉଡ଼ଇ ଆମ ପତାକା ଏ ନଭ
ଜଗତେ ଅନୁପମ
ଅଙ୍ଗେ ଲେଖା ତିରଙ୍ଗର
ତ୍ରିବେଣୀ ସଙ୍ଗମ ।

କେଶରୀ ରଙ୍ଗ ଶାନ୍ତି ବନ୍ଧେ
ସବୁଜ ରଙ୍ଗ ମୈତ୍ରୀ କହେ
ଶୁକ୍ଳ ଘୋଷେ ପ୍ରଗତିବାଣୀ
ଜଗତ ମନୋରମ ।

ଶୁଭ୍ରତାର ମଧ୍ୟଦେଶେ
ଶୋଭିଛି ଯାହା ମଥା
ଅହିଂସାର ପ୍ରତୀକ ତାହା
ଅଶୋକ ଚକ୍ର ତା ।

ଶାନ୍ତି-ଭାବେ ମୈତ୍ରୀ-ଭାବେ
ପ୍ରଗତି ପଥେ ଚଳିବୁ ଆମେ,
ରଖିବୁ ଉଚ୍ଚ ରକତ ଦେଇ
ଏହାକୁ ପ୍ରାଣ ସମ ।

ଛନ୍ଦ ସଂପର୍କରେ ଦୁଇପଦ

ଛନ୍ଦ କବିତାର ଗୋଟିଏ ଅବିଚ୍ଛେଦ୍ୟ ଅଙ୍ଗ । ଛନ୍ଦର ହିଲ୍ଲୋଳରେ ଭାବର ବିକାଶ ହୁଏ ବଡ଼ ମନୋଜ୍ଞ ଭାବରେ । ଓଡ଼ିଆ କବିତାରେ ତେଣୁ ସାମ୍ପ୍ରତିକ ଭାବସଙ୍କୁଳତା ବହନ କରିବା ପାଇଁ ଏକ ନୂତନ ଛନ୍ଦ ଆତ୍ମପ୍ରକାଶ କରିଛି । ତାହା ଯୁକ୍ତାକ୍ଷର ଛନ୍ଦ । ଅକ୍ଷର ଛନ୍ଦର ପ୍ରକୃତି ପ୍ରତ୍ୟେକ ପାଠକଙ୍କୁ ଜଣା । ତାହା ଅକ୍ଷର ପରିମାପରେ ଗଣାଯାଏ । ଯଥା—

ଅତି ମନୋହର କାଳ ଶୀତ ଋତୁ ଧରା ଗାଢ଼ ଗାଢ଼ ନାହିଁ
ପଲ୍ଲବ ପାଟଳ ମଧୁଋତୁ ସହ ଧରା ମାଢ଼ ମାଢ଼ ନାହିଁ ।

ଜଟଣୀ, ରାଧାନାଥ ଗ୍ରନ୍ଥାବଳୀ

ମାତ୍ର ଯୁକ୍ତାକ୍ଷର ଛନ୍ଦରେ ଅକ୍ଷର ସାମ୍ୟ ନାହିଁ । ଅଛି ମାତ୍ରା ସାମ୍ୟ ।

ଯନ୍ତ୍ର ତନ୍ତ୍ରେ ଯନ୍ତ୍ର ଦେଇଛି ମାଟିର ମଣିଷ ଆରେ
ମୁଗ୍ଧ ତୋହର ଚିତ୍ତ ଗହନେ ଚିନ୍ତା ପାରୁନୁ ବାରେ ।

କବିତା ପ୍ରବେଶ-ଉତ୍କଳ ବିଶ୍ୱବିଦ୍ୟାଳୟ

ସଂସ୍କୃତରେ ଯେଉଁ ମାତ୍ରାବୃତ୍ତ ଛନ୍ଦ ଅଛି, ଆମର ଏ ଯୁକ୍ତାକ୍ଷର ଛନ୍ଦ ତାକୁଇ ଅନୁସରଣ କରି ସୃଷ୍ଟ ହୋଇଛି । ସଂସ୍କୃତରେ ଅଛି—

ଆକାର, ଦୀର୍ଘଇକାର, ଦୀର୍ଘଉକାର, ଏକାର, ଐକାର, ଓକାର, ଔକାର, ଅନୁସ୍ୱାର, ବିସର୍ଗ ଓ ରେଫ୍ ଯୁକ୍ତ ବର୍ଣ୍ଣ ନଚେତ୍ ଓ କ୍ଷ, ଙ୍ଗ, ପ୍ର, ମ୍ଭ ଇତ୍ୟାଦି ଯୁକ୍ତବର୍ଣ୍ଣର ପୂର୍ବ ବର୍ଣ୍ଣ ଗୁରୁ ବା

Digitized by srujan ka@gmail.com

ନିର୍ଭ୍ରି ମାନିକ ହୁଏ । ସେଥିପାଇଁ ସମ୍ପୂର୍ଣ୍ଣ କାବ୍ୟ କବିତାର ଅଙ୍ଗିକତାରେ ଅଛି ଏକ ଅଭିନବ ଭଙ୍ଗୀ ଓ ହିଲ୍ଲୋଳ । ତାହା ମାନାବୃତ୍ତ । ଭାରତରେ କୌଣସି ଭାଷା ତାହାର ଲୋଭ ସମ୍ବରଣ କରି ପାରିନାହିଁ । ହିନ୍ଦି, ବଙ୍ଗଳା ଓ ତେଲୁଗୁରେ ତାହା ବହୁ ପରିମାଣରେ ଗୃହୀତ । ଆମ ଓଡ଼ିଆ କାବ୍ୟ କବିତାରେ ତାହା ବହୁକାଳରୁ ଅଛି ।

ଚରଣ ଅରୁଣ ରାଜେ, କନକ ନୂପୁର ସାଜେ
କଟି କିଙ୍କିଣୀ ଘଣ୍ଟି ଠଣରଣ କଙ୍କଣ ଝଙ୍କ ବାଜେ ।

ରହସ୍ୟ ମଞ୍ଜରୀ, ଦେବଦୁର୍ଲ୍ଲଭ ଦାସ

ଉପମାନସ ସ୍ପର୍ଦ୍ଧିବେଶ ଜାର ରସ କଥାରେ
ଟେହିବତ ଶୁକ ସନକଟେଟିଷ ଅନାଶ ନାନ ପଥାରେ ।

ଗୋପାଳକୃଷ୍ଣ ପଦ୍ୟାବଳୀ

ଅଞ୍ଜନ ଛଟା ମଦ ଗଞ୍ଜନ କେଶା
କଞ୍ଜ ସୁନ୍ଦର ମୁଖ ସୁନ୍ଦର-ବେଶା
ସଞ୍ଜ କୁସୁମ ସମ ହାସ ପ୍ରକାଶା
ଛୁ ପିନା ସାହାରେ ।

କବିସୂର୍ଯ୍ୟ

ଜୟ ଦେବୀ ଜନ୍ମଭୂମି କୀର୍ତ୍ତି-କିରୀଟ-ଧାରିଣୀ
ବନ୍ଦେ ଦେବୀ ଆଶାମୟି ନିଗୂଢ଼-ଶକ୍ତି-ଶାଳିନୀ

ଉତ୍କଳଗାଥା—ମଧୁସୂଦନ

Digitized by srujan ka@gmail.com

କାଞ୍ଚି ନୃପତି ତନୁଜ ନୃପେ କରୁଅଛନ୍ତି ଅବମାନନା,
ସମର ଖଡ୍ଗା ଲଗିଛନ୍ତି ତନୁଜେ ବାଜୁଛନ୍ତି ପୃଷ୍ଠ ଭାଜଣି ।

ନନ୍ଦକିଶୋର

ମୁଁ ଉପରେ ଯେ କେତୋଟି ପଂକ୍ତି ଉଦ୍ଧାର କରିଅଛି, ସେଥିରେ ସଂସ୍କୃତର ନିର୍ଦ୍ଦେଶ ମାତ୍ରା-ପରିମାଣ ନାହିଁ । ତାହାର କାରଣ ଏହି । ଓଡ଼ିଆରେ ଆକାର, ଦୀର୍ଘଇକାର ପ୍ରଭୃତିକୁ ଗୁରୁବୋଲି ଚଳାଇ ନେବା କଠିନ । ତେଣୁ କେବଳ ଯୁକ୍ତାକ୍ଷରକୁ ଗୁରୁ ବା ଦ୍ୱୈମାତ୍ରିକ ବୋଲି ଗ୍ରହଣ କରା ହୋଇଅଛି । ଓଡ଼ିଆ ଛନ୍ଦ-ମାଳରେ ମଧ୍ୟ ଏହି ଯୁକ୍ତାକ୍ଷରର ଦ୍ୱୈମାତ୍ରିକତା ଦେଖାଯାଏ ।

ଚୂର୍ଣ୍ଣପଦ ଦୂର୍ଣ୍ଣ କର
କଲେ ଜାଣିଥିବ ପୂର୍ଣ୍ଣ କର ।

ଅପର ଆଧୁନିକ ଓଡ଼ିଆ କବିତାରେ ତାହା ଲୁପ୍ତପ୍ରାୟ ହୋଇଅଛି ଏକପର ।

ଲକ୍ଷ ତୋହର   ବକ୍ଷ ବଢ଼ାନେ
ସଞ୍ଚିତ ବସ୍ତୁ ଧନ
ଲକ୍ଷ ସପନ   ଲକ୍ଷ ମନନ
ବସ୍ତୁତ ମହତ ମନ

ଯୁକ୍ତାକ୍ଷର ନହେଲେ ମଧ୍ୟ ଐକାର, ଔକାର ଓ ଋଫଳା ଯୁକ୍ତ ଅକ୍ଷରକୁ ଦ୍ୱୈମାତ୍ରିକ ଗ୍ରହଣ କରାଯାଇଅଛି । ଶୈଶବକୁ ଶଇଶବ, ଯୌବନକୁ ଯଉବନ, ଅମୃତକୁ ଅମୃରୁତ ଓ ତୃଣକୁ ତରଣ ବୋଲି ଭାଷାରେ ଚଳୁଅଛି । ଯଥା :—

Digitized by srujan ka@gmail.com

ମାତୃ ଭାଷାର   ଗୌରବ ଗାଥା
କଥା-କବି ପ୍ରହରାଜ
ତୋର କୋଳେ ବସି   ଜୀବନର ପଥେ
ଅଙ୍କୁରେ ଗୃହ୍ଣଂଶ ଅଜ ।

ମାତ୍ର ଲାଳିତ୍ୟର ଅନୁରୋଧରେ ପ୍ରାକୃତ ଅନୁସରଣରେ ଅନୁସ୍ୱାର ସ୍ଥଳରେ ଚନ୍ଦ୍ରବିନ୍ଦୁର ପ୍ରଚଳନ ରହିଅଛି । ଆମମାନଙ୍କର ଯେପରି ବଞ୍ଚଣା, ବଁଚଣା ଓ କମ୍ପା, କଁପା ହୁଏ ।

ତେବେ   ଅଧୀର ସମୀର ପରବାହେ
ଉଠେ   ସତ୍ୟ ସୁଁଦର ଶିବ ଆନନ୍ଦ ।

ବର୍ତ୍ତମାନ ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ, କବି କାଳନ୍ଦୀ, ବୈକୁଣ୍ଠ, ମାନସିଂହ, ଗୋଦାବରୀଶ, ହରି ଗଜପତି ପ୍ରଭୃତି ଅଧିକାଂଶ କବିତା ଲେଖିଛନ୍ତି ଓ ଲେଖୁଛନ୍ତି ଏହି ଯୁକ୍ତାକ୍ଷର ଛନ୍ଦରେ ।

ଯୁକ୍ତାକ୍ଷର ଛନ୍ଦ ସଂସ୍କୃତର ମାତ୍ରାବୃତ୍ତ ଛନ୍ଦରୁ ଅଣା ଯାଇଥିଲେ ମଧ୍ୟ ଆତ୍ମପ୍ରକାଶରେ ସଂପୂର୍ଣ୍ଣ ନୂତନ । ଓଡ଼ିଆ କବିତାର ଆଙ୍ଗିକତାରେ ଏହା ଗୋଟିଏ ଅଭିନବ ସୃଷ୍ଟି ।

Digitized by srujan ka@gmail.com

ଟିପ୍ପଣୀ

ସତୀଚଉରା

କାଠଯୋଡ଼ି ନଈ କୂଳରେ ସତୀଚଉରା କଟକର ଜଣାଶୁଣା ଶ୍ମଶାନ । ସେଠି କବି ରାଧାନାଥ, ମଧୁସୂଦନ, ରାମଶଙ୍କର, ମୃତ୍ୟୁଞ୍ଜୟ, ବିଶ୍ୱନାଥ ଓ ନନ୍ଦକିଶୋର ପ୍ରଭୃତି ଅନେକଙ୍କର ସମାଧି ଅଛି ।

ସ୍ୱାଗତ ହେ ଚିୟାଙ୍ଗ୍ କୈଶେକ

ଚିୟାଙ୍ଗ କୈଶେକ ଚୀନାର ରାଷ୍ଟ୍ରପତି । ୧୯୪୩ ରେ ସେ ଆସିଥିଲେ ଭାରତକୁ । ତାଙ୍କର ସମ୍ବର୍ଦ୍ଧନା କରାଯାଇ ଥିଲା ଉତ୍ତର ଭାରତର ପ୍ରତ୍ୟେକ ବଡ଼ ବଡ଼ ସହରରେ । କବିତାଟି ସେହି ସମୟର ଲେଖା ।

କଟନିସ୍—ସେ ତ ମରିନାହିଁ ।

ପଣ୍ଡିତ ଜବାହାରଲାଲ ୧୯୩୭ରେ ଥିଲେ ଭାରତର ରାଷ୍ଟ୍ରପତି । ସେତେବେଳକୁ ଚୀନା ଉପରେ ଜାପାନର ଭୟାନକ ରଣତାଣ୍ଡବ । ପଣ୍ଡିତଜୀ ଡାକ୍ତର ଅଟଲଙ୍କ ନେତୃତ୍ୱରେ ଗୋଟିଏ ସେବା-ସୈନିକ ଦଳ ଚୀନାକୁ ପଠାଇଥିଲେ । ଡାକ୍ତର ଦ୍ୱାରକା-ନାଥ କଟନିସ୍ ଥିଲେ ସେହି ଦଳର । ସେ ଭାରତକୁ ଆଉ ଫେରି ପାରି ନ ଥିଲେ । ଚୀନାର ରଣକ୍ଷେତ୍ରରେ ଆହତ ସୈନ୍ୟଙ୍କର ସେବା କରୁ କରୁ ତାଙ୍କର ସ୍ୱାସ୍ଥ୍ୟଭଙ୍ଗ ହେଲା । ସେଇଠି ସେ ପ୍ରାଣ ହରାଇଲେ । ଚୀନାକୁ ନିଜର କରିନେଲେ ଚିରଦିନ ପାଇଁ ।

କୃଷ୍ଣଚକ୍ର ଗଡ଼

କୃଷ୍ଣଚକ୍ର ଗଡ଼ ଅନୁଗୁଳର ଶେଷ ରାଜା ସୋମନାଥ ସିଂହ ଜଗଦେବଙ୍କର ଗୁପ୍ତଗଡ଼ । ତାହାର ଭଗ୍ନାବଶେଷ ଆଜିଯାଏ ଅଛି ।

Digitized by srujan ka@gmail.com

୧୮୪୭ରେ ସୋମନାଥ ସିଂହ ଏକଜଣ ଗଡ଼ଜାତ ରଜାଙ୍କ ସମ୍ମତ ପରାମର୍ଶ ବିନା ସୈନ୍ୟ ପଠାଇ ଥିଲେ ବ୍ରିଟିଶ ସରକାରଙ୍କର କଟକ ସହର ଆକ୍ରମଣ କରିବାକୁ । ସିନ୍ଧୁ ଗଡ଼ନାୟକ ଓ ଭୁବନ ମଙ୍ଗରାଜ ଥିଲେ ସେହି ଫଉଜର ସେନାପତି । ମାତ୍ର ବ୍ରିଟିଶ ସୈନ୍ୟ ଭାବ, ବହୁତ ଯାନ୍ତ୍ରୀ ଜମାଦାରଙ୍କୁ ଦଶପଲ୍ଲାର ସୁନାଖଣ୍ଡି ଅଠାରେ ରାତି ଅଧରେ ହାଣି ପକାଇଲେ । ଧର୍ମ ଭୟରେ ସମସ୍ତେ ବିବ୍ରତ ହୋଇ ପଡ଼ିଲେ । ଓଡ଼ିଶା ସରକାରଙ୍କ ନିକଟରେ ହତ୍ୟା ମୋକଦ୍ଦମା କରାଗଲା । ଅନୁଗୁଳର ରଜା, ସେନାପତିମାନେ ବିଦ୍ରୋହୀ ବୋଲି ବନ୍ଦୀ କରାଗଲେ । ମାତ୍ର ସେମାନେ ଯେଉଁ ବୀରତ୍ୱ ଓ ସାହସ ଦେଖାଇ ଥିଲେ, ତାହା ରାଜସ୍ଥାନ ପରି ଅନୁଗୁଳ ଇତିହାସକୁ ଗୌରବମୟ କରି ଅଛି । ଇଂରେଜ ସରକାର ଅନୁଗୁଳ ଦଖଲ କରିଥିଲେ ୧୮୪୭ ରେ । ଆଜିକି ଶହେ ବର୍ଷ ତଳେ ।

ଗୋପବନ୍ଧୁ ହେ, ଚଞ୍ଚଳ ଆସ ଫେରି ।

ଉତ୍କଳମଣି ଗୋପବନ୍ଧୁଙ୍କର ୧୮ଶ ବର୍ଷର ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷରେ ଲେଖା ଯାଇଥିଲା ।

ହିନ୍ଦୁ ମୁସଲମାନ

ବିଷୟ ବସ୍ତୁଟି ଗୋଟିଏ ସତ୍ୟ ଘଟଣାରୁ ନିଆଯାଇଛି । ଦୟାନନ୍ଦ ବୈଦିକ କଲେଜର ସଂସ୍କୃତ ଅଧ୍ୟାପକ ଶ୍ରୀ ଲକ୍ଷ୍ମୀନାରାୟଣ ଶାସ୍ତ୍ରୀଙ୍କ ନିକଟରୁ ମୁଁ ଶୁଣିଥିଲି, ସେ ଜୁଆଲପୁରରେ ଥିଲାବେଳେ ସ୍ୱଚକ୍ଷୁରେ ଦେଖିଥିଲେ । ଏହା ୧୯ ତାଂରୁ ୨୧ ଅଗଷ୍ଟ, ୧୯୪୭ରେ ଘଟିଥିଲା ।

17365

Digitized by srujan ka@gmail.com